## କୀଟନାଶକ ଖାଇ ମହିଳାଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୧୩।୨(ସମିସ):** ଗୋରୁମହିଷାଣି ଥାନା ଅଞ୍ଚଳ କୁକୁଡିମୁଣ୍ଡି ଗାଁରେ ବୁଧବାର ପାରିବାରିକ ବିବାଦ ଫଳରେ ମହିଳା ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ଏହା ପରେ ପରିବାର ଲୋକେ ଗୁରୁତର ମହିଳା ସୋମବାରୀ ଦେହୁରୀଙ୍କୁ ଗୋରୁମହିଷାଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜଳିଗଲା ଚିପ୍ସ ବୋଝେଇ ଟିପ୍ପର



**ବାରିପଦା, ୧୨।୩(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ଅଞ୍ଚଳର ବାଉଁଶବିଲାଠାରେ ଗୁରୁବାର ଏକ ଚିପ୍ସ ବୋଝେଇ ଟିପ୍ପର ଜଳିଯାଇଛି। ଟିପ୍ପରଟି ରାସ୍ତାରେ ଆସୁଥିବା ବେଳେ ବାଉଁଶବିଲା ଫୁଟବଲ ପଡ଼ିଆ ନିକଟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାର କିଛି ସମୟ ପରେ ସମ୍ମୁଖ ପଟ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଯାହାକୁ ନେଇ ଚାଳକ ଭୟଭୀତ ହୋଇ ଯାଞ୍ଚ କରିଥିଲେ। ପରେ ନିଆଁ ଲାଗିଯାଇଥିଲା। ବ୍ୟାଟେରୀରୁ ସଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏଥିରେ କେହି ଆହତ ହୋଇନାହାନ୍ତି ବୋଲି ସୂଚନା ମିଳିଛି।

## ଅଙ୍ଗନବାଡ଼ିରେ ତାଲା ପକାଇବା ଘଟଣା; ଥାନାରେ ମାମଲା

**ବାରିପଦା, ୧୩।୨(ସମିସ):** ଭୁଗୁଡାକଟା-୨ ଅଙ୍ଗନବାଡ଼ି କେନ୍ଦ୍ରରେ ମହିଳାମାନେ ତାଲା ପକାଇବା ଘଟଣାକୁ ନେଇ ଏବେ ମାମଲା ଥାନରେ ପହଞ୍ଚିଛି। କର୍ମୀ ଶିବାନି ହାଁସଦାଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି। ସ୍ଥାନୀୟ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ମହିଳା କେନ୍ଦ୍ରରେ ପଶି ତାଙ୍କୁ ଓ ସହକର୍ମୀ ଅପରାଜିତା ବେହେରାଙ୍କୁ ଠେଲାପେଲା କରିବା ସହିତ ଗାଳିଗୁଲଜ କରିଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ପିଲାଙ୍କୁ କୁଆଡେ ଟାଣି ଘୋଷାଡି ବାହାର କରିବା ସହ ଆସବାବପତ୍ର ମଧ୍ୟ ଭାଙ୍ଗିଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାପରେ ରନ୍ଧା ଖାଦ୍ୟ ଫିଙ୍ଗି ଦେଇ ଅଙ୍ଗନବାଡ଼ି ଫାଟକରେ ତାଲା ପକାଇଥିଲେ। ଫଳରେ ପିଲାମାନେ ଭୟଭୀତ ହେବା ସହ ଶାରୀରିକ ଓ ମାନସିକ ଆଘାତ ପହଞ୍ଚିଛି। ଆଗକୁ ମାରଧର କରିବେ ବୋଲି ଧମକ ଦେଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୪ ଗିରଫ

**ମହୁଲଡିହା, ୧୩।୨(ସମିସ):** ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ଶିଶୁ ମନ୍ଦିର ନିକଟରେ ବିଦ୍ୟୁତ ତାର ଚୋରି ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗତ ୮ ତାରିଖ ବିଳମ୍ବିତ ରାତିରେ ନବନିର୍ମିତ ମିନି ଗ୍ରିଡର ସୁରକ୍ଷାକର୍ମୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ତାର ଚୋରି ହେଉଥିବା ଖବର ଠାକୁରମୁଣ୍ଡା ଥାନାକୁ ଜଣାଇଥିଲେ। ପରେ ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ସଦଳେବଳ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ତେବେ କୌଶଳକ୍ରମେ ଅନ୍ଧାର ରାତିର ସୁଯୋଗ ନେଇ ୩ ଜଣ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଜଣେ ଯୁବକଙ୍କୁ ଅଟକ ରଖି ପୁଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଯୁବକ ଜଣକ ସିମୁଳିଆ ଥାନା ବେଗୁନିଆ ଗ୍ରାମର ପ୍ରଶାନ୍ତ ସେଠୀ (୨୬) ବୋଲି ଜଣାପଡ଼ିଛି। ଉକ୍ତ ଯୁବକଙ୍କୁ ପଚରାଉଚୁରା କରିବା ପରେ ପୁଲିସ ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଗ୍ରାମରେ ଚଢଉ କରିଥିଲା। ସେଠାରୁ ମହେଶ୍ୱର ବିନ୍ଧାଣି (୨୨) ଏବଂ ସୁରେଶ ସାହା (୨୫)ଙ୍କୁ ଗିରଫ କରିଥିଲା। ପରେ ଭଦ୍ରକ ଜିଲ୍ଲା କାଶୀଆ ମେରାଇନ ଥାନା ବିଦେଇପୁର ଗ୍ରାମରେ ଚଢ଼ାଉ କରି ଏକ ଭ୍ୟାନ ଜବତ କରିବା ସହିତ ଶ୍ରବଣ କୁମାର ନାଏକ ( ୨୫)ଙ୍କୁ ଗିରଫ କରିଥିଲା। ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

**ବିଶୋଇ, ୧୩।୨ (ସମିସ):** ବିଶୋଇର ହରି ମଣ୍ଡପ ଠାରେ ଶାନ୍ତି ବଲ୍ଲଭ କମିଟି ପକ୍ଷରୁ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାଘ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର କଳସ ଯାତ୍ରା ଓ ଅଧିବାସ ପରେ ବୁଧବାର ଅଖଣ୍ଡ ହରିକୃଷ୍ଣ ନାମାରମ୍ଭ ହୋଇ ଗୁରୁବାର ଦଧିଭଞ୍ଜ ହୋଇ ଉଦଯାପିତ ହୋଇଥିଲା। କୋଠାବିଲା ଓ ଠାକୁରମୁଣ୍ଡା ଅଞ୍ଚଳର ଝିଅ ସଂକୀର୍ତ୍ତନ ଦଳ ସାଙ୍ଗକୁ ଶଙ୍ଖାଭଙ୍ଗା ଏବଂ ଡ଼ାହିସାହି ପୁରୁଷ ସଂକୀର୍ତ୍ତନ ଦଳ ଅଖଣ୍ଡ ହରିନାମ ଯଜ୍ଞ କରିଥିଲେ। ତିନିଦିନ ଧରି ବିଶୋଇ ଅଞ୍ଚଳର ଶତାଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କମିଟିର ସମସ୍ତ ସଦସ୍ୟ ଓ ବିଶୋଇଗାଁ ଗ୍ରାମର ବାସିନ୍ଦା ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଳିଅଣା, ୧୩।୨(ସମିସ):** କୁଳିଅଣା ବ୍ଲକ ଅଧୀନ ବାଲିପାଳ ଗ୍ରାମର ବାବା ବାଲୁକେଶ୍ୱର ଶୈବପୀଠରେ ୩ ଦିନଧରି ଚାଲିଥିବା ନୂତନ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ କଳସଯାତ୍ରା ସହିତ ବିଭିନ୍ନ ପୂଜା, ଯଜ୍ଞ, ନାମ ସଂକୀର୍ତ୍ତନ ଓ ଅନ୍ନଦାନ କର୍ମ ଆଦି ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଅଶୋକ କୁମାର ନାୟକ, ଉପସଭାପତି ଦୀପକ କୁମାର ବାରିକ, ସମ୍ପାଦକ ଶୁଭେନ୍ଦୁ ବସୁରି, ସହ ସମ୍ପାଦକ ଶୁଭେନ୍ଦୁ ରଣା ଓ କୋଷାଧକ୍ଷ ବିଶ୍ୱଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂଜକ ଭାବେ ମନୋଜ କୁମାର ପଣ୍ଡା, ଅଧୀର ପାଣିଗ୍ରାହୀ, ଶ୍ରୀକାନ୍ତ ନନ୍ଦ, ଜନ୍ମେଜୟ ତ୍ରିପାଠୀ, ପଙ୍କଜ ପଣ୍ଡା, ସରୋଜ ମିଶ୍ର ପ୍ରମୁଖ ପୂଜା ନୀତି କର୍ମ ସମାପନ କରିଥିଲେ।

### ମୟୂରଭଞ୍ଜର ୮ଟି ପୁଲିସ ବିଟ୍ ହାଉସ୍‌ର ନାହିଁ ନିଜସ୍ୱ ଗୃହ

# ଥାନା ଅଧିକାରୀଙ୍କୁ ସ୍ଥିତାବସ୍ଥା ତଥ୍ୟ ମାଗିଲେ ଏସ୍‌ପି

**ବାରିପଦା, ୧୩।୨(ସମିସ)**

ରାଜ୍ୟର ସର୍ବବୃହତ୍ ତଥା ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ୩୨ଟି ଥାନା କାର୍ଯ୍ୟ କରୁଥିବା ବେଳେ ସେଗୁଡିକ ଅଧୀନରେ ୧୪ଟି ପୁଲିସ ଆଉଟପୋଷ୍ଟ, ୮ଟି ବିଟ ହାଉସ, ୨ଟି ଟାଉନ ଆଉଟ ପୋଷ୍ଟ ଓ ଗୋଟିଏ ଟ୍ରାଫିକ ଆଉଟ ପୋଷ୍ଟକୁ ମିଶାଇ ୨୬ଟି କାର୍ଯ୍ୟ କରୁଛି। ତେବେ ଗ୍ରାମାଞ୍ଚଳରେ ଥିବା ୪୦/୫୦ବର୍ଷ ପୁରୁଣା ୮ଟି ବିଟ୍ ହାଉସର ଆଜିଯାଏ ନିଜସ୍ୱ ଗୃହ ନାହିଁ। କେଉଁଠି ଭଡାଘରେ ତ ଅନ୍ୟ କେଉଁଠି ପଞ୍ଚାୟତ ପକ୍ଷରୁ ପ୍ରଦତ୍ତ ଗୃହରେ ଦୟନୀୟ ଅବସ୍ଥାରେ କାର୍ଯ୍ୟ କରୁଛି। ରାସଗୋବିନ୍ଦପୁର ଥାନା ଅଧୀନ ଜିଲ୍ଲା ସୀମାନ୍ତରେ ଥିବା ଅମର୍ଦା ବିଟ୍ ହାଉସ ପଞ୍ଚାୟତ ଅଫିସର ପୁରୁଣା ଗୃହରେ ଚାଲିଥିବା ବେଳେ ବଡାମପୁର ବିଟହାଉସ ନିଜସ୍ୱ ଜାଗାରେ ଏକ ଅସ୍ଥାୟୀ ଗୃହରେ କାର୍ଯ୍ୟ କରୁଛି। ସେହିପରି ୧୯୫୪-୫୫ ମସିହାରେ ପ୍ରତିଷ୍ଠା ହୋଇଥିବା ବୈଶିଙ୍ଗା ଥାନା ଅଧୀନ ମାଣତ୍ରି ବିଟହାଉସ ପଞ୍ଚାୟତ କାର୍ଯ୍ୟାଳୟର ପୁରାତନ ଗୃହରେ କାର୍ଯ୍ୟ କରୁଥିବା ବେଳେ ଖୁଣ୍ଟା ଥାନା ଅଧୀନ ଡୁକୁରା ବିଟହାଉସଟି ମଧ୍ୟ ପଞ୍ଚାୟତର ପୁରୁଣା ଘରେ କାର୍ଯ୍ୟକରୁଛି।




ଅପରପକ୍ଷରେ ଭୀମିଦା ବିଟହାଉସ, କପ୍ତିପଦା ଥାନା ଅଧୀନ ନୁଦଡିହା ବିଟହାଉସ, ବିଶୋଇ ଥାନା ଅଧୀନ ମଣଦା ବିଟହାଉସ ଓ ରରୁଆଁ ଥାନା ଅଧୀନ ସିଙ୍ଗଡ଼ା ବିଟହାଉସ ଆରମ୍ଭରୁ ଉଡାଘରେ ପରିଚାଳିତ ହେଉଛି। ଉପରୋକ୍ତ ଏହି ୮ଟି ପୁଲିସ ବିଟହାଉସର ନିଜସ୍ୱ ଗୃହ ନଥିବାରୁ ଅଧିକାରୀ/କର୍ମଚାରୀଙ୍କ କ୍ୱାଟର ଅଭାବରୁ ସେହି ବିଟହାଉସ ବା ବାହାରେ ରହୁଛନ୍ତି। କୌଣସି ଅଭିଯୁକ୍ତ ଅଟକ ବା ଗିରଫ ହେଲେ ସେମାନଙ୍କ ପାଇଁ ହାଜତ ବ୍ୟବସ୍ଥା ନାହିଁ। ସେହିପରି ପ୍ରତିଦିନ ଅଭିଯୋଗ ବା ନ୍ୟାୟ ପାଇଁ ଆସି ଅପେକ୍ଷା କରୁଥିବା ପୀଡିତ ପରିବାର ସଦସ୍ୟଙ୍କ ବସିବା ପାଇଁ ବ୍ୟବସ୍ଥା ନାହିଁ। ଖୋଲା ଆକାଶ ତଳେ ଖରା, ବର୍ଷା ଓ ଶୀତ କାକରରେ ବସିବା ଡିଜିଟାଲ ଯୁଗରେ ଗ୍ରାମାଞ୍ଚଳରେ ସୁରକ୍ଷା ଯୋଗାଉଥିବା କାର୍ଯ୍ୟାଳୟ ନିଜେ ଅସୁରକ୍ଷିତ ନିଶ୍ଚିତ ନିନ୍ଦନୀୟ। ଏହି ୮ଟି ପୁଲିସ ବିଟହାଉସ ନିଜସ୍ୱ ଗୃହ ନିର୍ମାଣ ପାଇଁ ଅତୀତରେ ଜାଗା ଚିହ୍ନଟ ପୂର୍ବକ ରାଜସ୍ୱ ବିଭାଗ ଅନୁମୋଦନ ପାଇଁ ପଡ଼ି ରହିଥିଲେ ହେଁ, ଏସପି ପରେ ଏସପି ଜିଲ୍ଲାର ଦାୟିତ୍ୱ ନେଉଥିଲେ ହେଁ କାହାରି ଦୃଷ୍ଟି ପଡୁ ନାହିଁ। ଏନେଇ ବର୍ତ୍ତମାନର ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଯୋଗାଯୋଗ କରିବାରୁ ସେ ଏନେଇ ଜାନୁଆରୀରେ ସମୀକ୍ଷା କରିଛନ୍ତି। ସମ୍ପୃକ୍ତ ଥାନାର ଅଧିକାରୀଙ୍କୁ ବିଟ ହାଉସର ସ୍ଥିତାବସ୍ଥା ସମ୍ପର୍କରେ ତଥ୍ୟ ମଗାଯାଇଛି। ପ୍ରଥମେ ନିଜସ୍ୱ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ପୂର୍ବକ ଆବେଦନ ପ୍ରକ୍ରିୟା ଶେଷ ପରେ ଡିଜିଙ୍କ କାର୍ଯ୍ୟାଳୟକୁ ଅବଗତ କରାଯିବ। ତା'ପରେ ଯଥାଶୀଘ୍ର ଗୃହ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।

## ଓଆର୍‌ଏସ୍ ସ୍ତରରେ ଅଦଳବଦଳ

**ବାରିପଦା, ୧୩।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଓଆର୍‌ଏସ୍ ସ୍ତରରେ ବଦଳି କରାଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ତହସିଲଦାର ସ୍ତରରେ ଅଦଳ ବଦଳ କରାଯାଇଛି। କରଞ୍ଜିଆର ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀଙ୍କ ବାଲେଶ୍ୱର ଜିଲ୍ଲା ସିମୁଳିଆ ଅତିରିକ୍ତ ତହସିଲଦାର, ନୀଳଗିରି ସବ ରେଜିଷ୍ଟର ତ୍ରିଭୁବନ ଦାସଙ୍କ ବାରିପଦା ୱାର୍କ ଡିପାର୍ଟମେଣ୍ଟ ଜୋନ ଅଫିସର, ବାରିପଦା ଉପ ଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ଦାସଙ୍କ ପୁରୀ ଗୋପି ସବରେଜିଷ୍ଟର, ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ରାଜେଶ୍ୱରୀ ମାଝୀଙ୍କ ରାଇରଙ୍ଗପୁର ସବରେଜିଷ୍ଟର, ରାଇରଙ୍ଗପୁର ସବରେଜିଷ୍ଟର ପିୟୂଷ କାନ୍ତ ପ୍ରଧାନଙ୍କ ବସ୍ତା ଅତିରିକ୍ତ ତହସିଲଦାର, ବେତନଟୀ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସଙ୍କ ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ରଣାଙ୍କ ବେତନଟୀ ଅତିରିକ୍ତ ତହସିଲଦାର, ବସ୍ତା ଅତିରିକ୍ତ ତହସିଲଦାର ସ୍ମୃତିରଞ୍ଜନ ଟୁଡୁଙ୍କ ରାଇରଙ୍ଗପୁର ଅତିରିକ୍ତ ତହସିଲଦାର, ରରୁଆଁ ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ସାହୁଙ୍କ କରଞ୍ଜିଆ ଅତିରିକ୍ତ ତହସିଲଦାର ଭାବେ ବଦଳି ହୋଇଛି। ବଦଳି ସ୍ଥାନରେ ଶୀଘ୍ର ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି।

## ଦେଉଳିଆରେ ଭାଗବତ ସପ୍ତାହ

**ବଡସାହି, ୧୩।୨(ସମିସ):** ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତ ଦଧିବାମନ ବୃନ୍ଦାବନ ଚନ୍ଦ୍ର ଜୀଉ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଭାଗବତ ସପ୍ତାହ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଗଙ୍ଗାହାର ନଦୀରୁ ଘଟ ଉତ୍ତୋଳନ କରାଯାଇ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏକ ଆଧ୍ୟାତ୍ମିକ ପରିବେଶରେ ୭ଦିନ ଧରି ସମ୍ପୂର୍ଣ୍ଣ ଭାଗବତ ପାଠ କରାଯାଇଥିଲା। କର୍ତ୍ତାକର୍ତ୍ତୀ ଭାବେ ରମେଶ ବାରିକ୍ ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନୀ ବାରିକ୍ ଦାୟିତ୍ୱ ତୁଲାଇଥିଲେ। ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୁକ୍ମଣୀ ବାହାଘର, ବାମନ ଜନ୍ମ, ଶ୍ରୀକୃଷ୍ଣ ଜନ୍ମ, ଦହି ହାଣ୍ଡି ଭଙ୍ଗା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଗବତ କମିଟି ପକ୍ଷରୁ ଛବିରାଣୀ ମହାପାତ୍ର, ମିନତୀ ସଦୁଆଳ, ବାସନ୍ତୀ ଗଜେନ୍ଦ୍ର ମହାପାତ୍ର, ଅଞ୍ଜଳି ବେହେରା, ମମତା ଗଜେନ୍ଦ୍ର ମହାପାତ୍ର, ଶାନ୍ତିଲତା ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଆଇନ ସଚେତନତା କାର୍ଯ୍ୟକ୍ରମ



**ମୋରଡ଼ା, ୧୩।୨(ସମିସ):** ମୋରଡା ବ୍ଲକ ପରିସରରେ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ମହିଳା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଭାଇସ ଚେୟାରମ୍ୟାନ ଜେମାମଣି ମହାନ୍ତ, ମୁଖ୍ୟବକ୍ତା ପ୍ରୋଜେକ୍ଟ ଅଫିସର ସୁକାନ୍ତି ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସତ୍ୟନାରାୟଣ ବଳ, ଏବିଇଓ ପାଲୁ ହେମ୍ବ୍ରମ, ଚିତ୍ରଡା ମହାବିଦ୍ୟାଳୟର ଏନଏସଏସ ମୁଖ୍ୟ ସୌଦାମିନୀ ସିଂ, ଆଡ଼ଭୋକେଟ ଅନନ୍ତ କେଶରୀ ଦାସ, ପ୍ରୋଜେକ୍ଟ ଅଫିସର ଜୟଶ୍ରୀ ହୋତା, ବିପିଏମ କଳ୍ପନା ଜେନା, ମେଡ଼ିକାଲ ଅଫିସର ହାମ୍ବିରା ମୁର୍ମୁ ମଞ୍ଚାସୀନ ଥିଲେ। ଅତିଥିମାନେ ସମସ୍ତ ମହିଳାଙ୍କ ପାଇଁ ଯେଉଁ ଆଇନ ପ୍ରଣୟନ ହୋଇଛି ସେ ବିଷୟରେ ସମସ୍ତ ଅବଗତ ନାହାନ୍ତି। ଫଳରେ ଆଜି ବି ମହିଳାମାଆଇନ ସେବାରୁ ବଞ୍ଚିତ ରହୁଛନ୍ତି ବୋଲି କହିଥିଲେ।

## ବିରାଟ ଲୀଳାକ୍ଷେତ୍ରରେ ଗଜ ଉଦ୍ଧାରଣ ବେଶ

**ପିଙ୍ଗୁ, ୧୩।୨(ସମିସ):** ନୁଦଡ଼ିହା ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରର ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। ବିରାଟ ଲୀଳାକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ବାରମାସର ତେର ଲୀଳା ସମ୍ପନ୍ନ ହୋଇଥାଏ। ଶ୍ରୀ ଜୀଉଙ୍କ ଗଜଉଦ୍ଧାରଣ ବେଶ ଓ ଏହାର ମହାତ୍ମ୍ୟ ଜାଣି ଶ୍ରଦ୍ଧାଳୁମାନେ 'ଜୟ ଜଗନ୍ନାଥ' ଓ 'ଜୟ ନାରାୟଣ' ଧ୍ୱନିରେ ମନ୍ଦିର ପରିବେଶକୁ ମୁଖରିତ କରିଥିଲେ। ସନ୍ଧ୍ୟା ଆଳତି ସମୟରେ ଭକ୍ତଙ୍କ ଘଣ୍ଟଘଣ୍ଟା, ମୃଦଙ୍ଗ, ଝାଞ୍ଜର ସଂକୀର୍ତ୍ତନ ତାଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହା ପରେ ଭାବବନ୍ଧନ ପତ୍ରିକାର ମୁଖ୍ୟ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଗଜ ଉଦ୍ଧାରଣ ବେଶର କାରଣ ଓ ମହାତ୍ମ୍ୟ ସମ୍ପର୍କରେ ସଂକ୍ଷିପ୍ତ ପ୍ରବଚନ ଦେଇଥିଲେ। ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ପ୍ରାଧ୍ୟାପକ ନକୁଳ ଜେନା, ଉପସଭାପତି ବୃନ୍ଦାବନ ବେହେରା, ସହସମ୍ପାଦକ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



### ଅଙ୍ଗନବାଡ଼ିରେ ନିମ୍ନମାନର ଛତୁଆ ବଣ୍ଟନ ଘଟଣା

## ଧାରଣା ଦେବେ ଅଭିଭାବକ

**କରଞ୍ଜିଆ, ୧୩।୨(ସମିସ):** କରଞ୍ଜିଆ ଏନ୍‌ଏସିର ୧୫ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ଗତ ୨୧.୧୦.୨୦୨୪ରେ ନିମ୍ନମାନର ଛତୁଆ ଓ ପୋକ ସାଲୁବାଲୁ ସୁଜି ବଣ୍ଟନ କରାଯାଇଥିଲା। ଏହାକୁ ବିରୋଧ କରି ଅଭିଭାବକମାନେ ଛତୁଆ ଏବଂ ରନ୍ଧା ହୋଇଥିବା ସୁଜିକୁ ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ ବି ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଇନାହିଁ। ତେଣୁ ଅଭିଭାବକମାନେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇଥିଲେ; ତଥାପି କୌଣସି ପଦକ୍ଷେପ ନିଆଯାଇନାହିଁ। ଇତିମଧ୍ୟରେ ୪ ମାସ ବିତିଗଲାଣି। ତେଣୁ ଆସନ୍ତା ୧୭ ତାରିଖରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ ଧାରଣା ଦେବେ ବୋଲି ଗୁରୁବାର ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



## ରାଜପଥରେ ଗଜରାଜ; ଯାତାୟାତ ଠପ୍

**ବୈଶିଙ୍ଗା, ୧୩।୨(ସମିସ):** ବୈଶିଙ୍ଗା ଥାନା ଅଧୀନ କ୍ଷୀରିପଦା ଜଙ୍ଗଲରେ ଡେରା ପକାଇଥିବା ୩ଟି ହାତୀ ବୁଧବାର ବିଳମ୍ବିତ ରାତିରେ ନୀଳଗିରି ମୁହାଁ ହୋଇଥିବାବେଳେ ପୁଣି ଅଧା ରାସ୍ତାରୁ ଫେରି ଗୁରୁବାର ମିରିଗିଦାରୀଠାରେ ବୁଢାବଳଙ୍ଗ ନଦୀ ଅତିକ୍ରମ କରି ବେତନଟୀ ରେଞ୍ଜରେ ପ୍ରବେଶ କରିଥିଲେ। ପରେ ରଙ୍ଗପାଣି-ନଡପୁର ରାସ୍ତାରେ ଦଳକିମୁହାଁ ହୋଇଥିଲେ। ତେଣୁ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ବନବିଭାଗ ପକ୍ଷରୁ ଗଜସାଥୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ହାତୀପଲ ଦଳକ ସଂରକ୍ଷିତ ଜଙ୍ଗଲକୁ ପଳାଇଥିଲେ।



## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ପାଣିପମ୍ପ୍ ବଣ୍ଟନ

ଉଦଳା, ୧୩।୨(ସମିସ): ଆଇଟିଡିଏ କାର୍ଯ୍ୟାଳୟ ପରିସରରେ ଏକ ପାଣିପମ୍ପ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଭାସ୍କର ମଢ଼େଇ, ଆଇ.ଟି.ଡ଼ି.ଏ. ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଓଡ଼ିଶା କୃଷି ଶିଳ୍ପ ନିଗମର ଜିଲ୍ଲା ପରିଚାଳକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ସଚେତନ କରିବା ସହିତ ପାଣିପମ୍ପ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଆଇ.ଟି.ଡ଼ି.ଏ. ଅଧୀନରେ ୪ଟି ବ୍ଲକରେ ୪୮ଟି ଜନଜାତି ପରିଷଦ ଗଠନ କରାଯାଇ ମୋଟ ୫୦ଟି ପାଣି ପମ୍ପ ପ୍ରତ୍ୟେକ ଜନଜାତି ଜୀବିକା ପରିଷଦକୁ ବିଧାୟକ ବାଣ୍ଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇ.ଟି.ଡ଼ି.ଏ.ର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ପ୍ରଣବ ଦାସ, ବିଷୟ ବିଷାରଦ ବୈଦ୍ୟନାଥ ଖଟୁଆ, ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ।




## ଓଡ଼ିଶାରେ ପ୍ରଥମ: ଆଜିଠୁ 'ରେସ୍ ଅଫ୍ ଦି ରୋଡ୍'

**ବାରିପଦା, ୧୩।୨(ସମିସ):** ବାରିପଦା ରାଜବସା ପଡ଼ିଆରେ କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ ପକ୍ଷରୁ ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ରେସ ଅଫ ଦି ରୋଡ-୩ ଅନୁଷ୍ଠିତ ହେବ। ବାଇକ ଓ କାର ଚାଳକମାନେ ଏଥିରେ ଅଂଶଗ୍ରହଣ କରିବେ। ମୋଟର ସ୍ପୋର୍ଟିଂର ବିଭିନ୍ନ ରେଲି ସ୍ପ୍ରିଂଟ ବର୍ଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବାଇକ ରେସ ୧୫ ତାରିଖ ଏବଂ ଉକ୍ତ ବର୍ଗରେ ପୂର୍ବ ଭାରତରେ ପ୍ରଥମ ଥର ପାଇଁ କାର ରେସ ୧୬ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଅଂଶଗ୍ରହଣକାରୀଙ୍କ ଯାଞ୍ଚ ହେବ ବୋଲି କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ ସଭାପତି ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ ରାଜ୍ୟର ପ୍ରଥମ ପଞ୍ଜିକୃତ ମୋଟର ସ୍ପୋର୍ଟସ କ୍ଲବ। ଟ୍ରାଫିକ କଟକଣା ପାଇଁ ରାସ୍ତାରେ ଦ୍ରୁତଗତିରେ ଗାଡି ଚଳାଇ




ପାରୁନଥିବା ବେଳେ ଲୋକଙ୍କ ଉକ୍ତ ଅଭିଳାଷାକୁ ପୂରଣ କରିବା ପାଇଁ ଏହାର ଆୟୋଜନ କରାଯାଇଛି। ବେଳଗଡ଼ିଆ ରାଜପ୍ରାସାଦରେ ଏହାର କାର୍ଯ୍ୟାଳୟ ଥିବା ବେଳେ ଭାରତର ସର୍ବାଧିକ ୭ଟି ବନ୍ଧୁତାପୂର୍ଣ୍ଣ ମୋଟର ରାଲିର ଆୟୋଜନ କରାଯାଇଛି। ଭାରତ-ନେପାଳ, ବାଂଲାଦେଶ-ଭୁଟାନ-ଭାରତ-ନେପାଳ, ଭାରତ-ଋଷ, ଭାରତ-ଇରାନ-ଆଜେରବାଇଜାନ-ରୁଷିଆ, ଅନ୍ତର୍ଜାତୀୟ ନର୍ଥ-ସାଉଥ ଟ୍ରାନ୍ସପୋର୍ଟ କରିଡ଼ର ରାଲି, ଭାରତ-ମ୍ୟାନମାର-ଥାଇଲ୍ୟାଣ୍ଡ, ଭାରତ-ବାଂଲାଦେଶ-ମ୍ୟାନମାର ଆଦି ଅନ୍ତର୍ଜାତୀୟ ବନ୍ଧୁତାପୂର୍ଣ୍ଣ ରାଲି ଆୟୋଜନ କରିଛନ୍ତି ବୋଲି ସମ୍ପାଦକ ରମେଶ ମହାପାତ୍ର କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହାକୁ ଦି ଫେଡରେସନ ଅଫ ମୋଟର ସ୍ପୋର୍ଟିଂ କ୍ଲବ ଇଣ୍ଡିଆ ତତ୍ତ୍ୱାବଧାନରେ ପରିଚାଳନା କରାଯିବ ବୋଲି ସମ୍ପାଦକ ଶ୍ରୀ ମହାପାତ୍ର ପ୍ରେସ ବିବୃତ୍ତି ଜରିଆରେ କହିଛନ୍ତି।



## ନବୀନଙ୍କ ସ୍ୱପ୍ନ ନେଇଛି ବାସ୍ତବ ରୂପ | ନୂଆରୂପ ପାଇଛି ତକତପୁର ଟିଟିଆଇ





**ବାରିପଦା, ୧୩।୨(ସମିସ)**

ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ବାସ୍ତବ ରୂପ ନେଇଛି। ଦେଶ ବିଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏଥିପାଇଁ ଓଡ଼ିଶାର ଯୁବପିଢିଙ୍କୁ ପ୍ରସ୍ତୁତ କରିବା ଲାଗି ବିଭିନ୍ନ ଆଇଟିଆଇ ଏବଂ ପଲିଟେକନିକ୍ କଲେଜର ଆଧୁନିକୀକରଣ ଓ ଭିତ୍ତିଭୂମି ସୁଦୃଢ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ସମୟରେ ପ୍ରଦତ୍ତ ଓମ୍ବାଡସି ପାଣ୍ଠି ସହାୟତାରେ ବାରିପଦା ବୈଷୟିକ ତାଲିମ ଅନୁଷ୍ଠାନ (ଟିଟିଆଇ) ନୂଆରୂପ ପାଇଛି। ଫଳରେ ଏଠାକାର ଛାତ୍ରଛାତ୍ରୀ ନିଜ ଭବିଷ୍ୟତକୁ ନେଇ ନୂଆ ଉଡାଣ ଦେଇପାରୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ ଦେଇ ସେମାନଙ୍କ ଦକ୍ଷତା ବିକାଶ କରିବା ଲକ୍ଷ୍ୟରେ ୧୯୫୭ରେ ବାରିପଦାର ତକତପୁରଠାରେ ଟିଟିଆଇ ପ୍ରତିଷ୍ଠା ହୋଇଥିଲା। ଏହି ପୁରାତନ ଶିକ୍ଷା ଓ ତାଲିମ ଅନୁଷ୍ଠାନରେ ବର୍ତ୍ତମାନ ୧୬ଟି ଟ୍ରେଡରେ ପାଠପଢ଼ା ଚାଲିଛି। ଫଳରେ ମୟୂରଭଞ୍ଜ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀ ଏହି କେନ୍ଦ୍ରକୁ ଆସି ତାଲିମ ନେବା ପାଇଁ ଆଗ୍ରହ ଦେଖାଉଛନ୍ତି। ଆସନ୍ତାକାଲିର ଶିଳ୍ପ ଓ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଟିଟିଆଇ ପରିସରରେ ଓମ୍ବାଡସି ସହାୟତାରେ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଏମଆଇଜି ଓ ଟିଆଇଜି ଭଳି ୱେଲ୍ଡିଂ ଉପକରଣ ସହିତ ରୋବଟିକ୍ ଏବଂ ଭର୍ଚୁଆଲ ୱେଲ୍ଡିଂ ସିମୁଲେଟର୍ସ ମଧ୍ୟ ରହିଛି। ଛାତ୍ରଛାତ୍ରୀ ନିଜେ ୱେଲ୍ଡିଂ ଉପକରଣ ବ୍ୟବହାର କରିବା ଫଳରେ ସେମାନଙ୍କ ଦକ୍ଷତା ଆଉ ଏକ ନୂଆ ଉଚ୍ଚତାକୁ ଯାଇପାରିବ। ସେହିପରି ଟିଟିଆଇ ପରିସରରେ ଅତ୍ୟାଧୁନିକ ସିଏନସି ମିଲିଂ ଏବଂ ଟର୍ଣ୍ଣିଂ ଲ୍ୟାବ୍ ସ୍ଥାପନ କରାଯାଇଛି। ଦେଶ ବିଦେଶର ପ୍ରମୁଖ ଶିଳ୍ପ ସଂସ୍ଥାରେ ବ୍ୟବହୃତ ମେସିନ ଏଠାରେ ଥିବାରୁ ଛାତ୍ରଛାତ୍ରୀ ହ୍ୟାଣ୍ଡ୍-ଅନ୍-ପ୍ରାକ୍ଟିସର ସୁବିଧା ପାଇପାରୁଛନ୍ତି। 'ସ୍କିଲ୍ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଯୁବପିଢିଙ୍କ ଦକ୍ଷତାକୁ ଶାଣିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ରୋବୋଟିକ୍ ଓ ଭର୍ଚୁଆଲ ୱେଲ୍ଡିଂ ସିମୁଲେଟର୍ସ ସହିତ ସିଏନସି ଲ୍ୟାବ୍ ହେବା ଫଳରେ ଛାତ୍ରଛାତ୍ରୀ ଶିଳ୍ପ ଉପଯୋଗୀ ତାଲିମ ପାଇପାରୁଛନ୍ତି। ଏହା ସେମାନଙ୍କ କ୍ୟାରିୟରକୁ ଆଗକୁ ନେବାରେ ସହାୟକ ହେଉଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ କନ୍ଦନ ମାଝୀ କହିଛନ୍ତି। ଏହି ଅତ୍ୟାଧୁନିକ ଲାବୋରେଟୋରିରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଦକ୍ଷ ପ୍ରଶିକ୍ଷକମାନଙ୍କୁ ନିଯୋଜିତ କରାଯାଇଛି। ସେମାନଙ୍କୁ 'ଟ୍ରେନିଂ ଅଫ୍ ଟ୍ରେନର' କାର୍ଯ୍ୟକ୍ରମ ଜରିଆରେ ତାଲିମ ଦିଆଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯାଉଛି। ସେହିପରି ଏହି ଲ୍ୟାବରେ ସ୍ୱଳ୍ପକାଳୀନ ତାଲିମ ପାଠ୍ୟକ୍ରମ ଦିଆଯାଉଛି। ବିଭିନ୍ନ ବ୍ୟାଚରେ ତାଲିମ ନେଇ ଛାତ୍ରଛାତ୍ରୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଉଛନ୍ତି। ବର୍ତ୍ତମାନ ବିଶ୍ୱରେ ଅକ୍ଷୟ ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଓମ୍ବାଡସି ସହାୟତାରେ ଟିଟିଆଇରେ ୫୦ କିଲୋୱାଟ୍ ବିଶିଷ୍ଟ 'ରୁଫ୍ ଟପ୍ ଅନ୍ ଗ୍ରୀଡ୍ ସୋଲାର' ବ୍ୟବସ୍ଥା କରାଯାଇଛି। ଏହା ଶକ୍ତି ସଞ୍ଚୟ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରୁ ତାଲିମ ନେଇ ଯୁବପିଢି ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହୋଇପାରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

- ◆ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର
- ◆ ରୋବଟିକ୍ ଓ ଭର୍ଚୁଆଲ ୱେଲ୍ଡିଂ ସିମୁଲେଟର୍ସ ବ୍ୟବସ୍ଥା
- ◆ ଅତ୍ୟାଧୁନିକ ସିଏନ୍‌ସି ମିଲିଂ ଓ ଟର୍ଣ୍ଣିଂ ଲ୍ୟାବ୍

## ମା' ଶଙ୍ଖଳା ପୀଠର ଉନ୍ନତିକରଣ ଦାବିକଲା ବିକାଶ ମଞ୍ଚ



**ଶରତ, ୧୩।୨(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ବଜାରଠାରୁ ଠାକୁରମୁଣ୍ଡା ରାସ୍ତା ଯିବାକୁ ହେଲେ ସିଜୁଆଣି ଘାଟି ଅତିକ୍ରମ କରିବାକୁ ପଡେ। ହି ଘାଟିକୁ ଶରତ ଘାଟି ବୋଲି ମଧ୍ୟ କୁହାଯାଏ। ସିଜୁଆଣି ଘାଟିରେ ମା' ଶଙ୍ଖଳା ମହାପାଟ ପୂଜା ପାଆନ୍ତି। ପାହାଡ଼ର ଅନେକାଂଶ ଶରତ ପଞ୍ଚାୟତରେ ଆସୁଥିବା ବେଳେ କିଛି ଅଂଶ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତରେ ଆସୁଛି। ଘାଟିରେ ଯାତ୍ରା କରୁଥିବାବେଳେ ଲୋକେ ଓହ୍ଲାଇ ମା'ଙ୍କୁ ଦର୍ଶନ କରିଥାନ୍ତି। ଆଜିକୁ ପ୍ରାୟ ୨୦୦ ଶହ ବର୍ଷରୁ ଅଧିକ ହେବ ମା' ଶଙ୍ଖଳା ପାଟ ଏଠାରେ ପୂଜା ପାଉଥିବା ପୂଜାରୀ(ଦେହୁରୀ) ଭୀମସେନ ଦେହୁରୀ ପ୍ରକାଶ କରିଛନ୍ତି। ଏହାର ଉନ୍ନତିକରଣ କରିବା ଦିଗରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଏବଂ କେନ୍ଦୁଝରର ଲୋକସଭା ସାଂସଦ ଅନନ୍ତ ନାଏକ ତାଙ୍କ ପାଣ୍ଠିରୁ ଖର୍ଚ୍ଚ କରନ୍ତୁ ବୋଲି ଶରତ ବିକାଶ ମଞ୍ଚର ସଭାପତି ଗାମାଏ ରୀମିଲ ଗୋଇପାଇ, ସୁଦାମ ଚରଣ ଟୁଡୁ, ସର୍ବେଶ୍ୱର ବେଶ୍ରା, ଦୁଲାରାମ ବାନାରା, ଡୁବୁରାଜ ବୋଇପାଇ, ନୋଟ ଗ୍ରାମ ପଞ୍ଚାୟତ ସରପଞ୍ଚ ଦୁମ୍ବି ସିଂ, ଶରତ ଗ୍ରାମ ପଞ୍ଚାୟତ ସରପଞ୍ଚ ପଦ୍ମାବତୀ ସିଂ, ଚମ୍ପାଝର ଗ୍ରାମ ପଞ୍ଚାୟତ ସରପଞ୍ଚ ବିକ୍ରମ ପିଙ୍ଗୁଆ ପ୍ରମୁଖ ଦାବି କରିଛନ୍ତି। ବିଜେଡି ସରକାରଙ୍କ ଅମଳରେ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନେକ ପୂଜାପୀଠର ବିକାଶ ହୋଇଛି; ହେଲେ ଡବଲ ଇଞ୍ଜିନ ବିଜେପି ସରକାର ସମୟରେ କିଛି ଆଖିଦୃଶିଆ ଉନ୍ନତି ହେବା ଦେଖାଯାଉନାହିଁ। ତେଣୁ ଏହି ପୀଠର ବିକାଶ କରିବାକୁ ମଞ୍ଚ ନିବେଦନ କରିଛି।

## ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା



**ବାରିପଦା, ୧୩।୨(ସମିସ):** ବିଶ୍ୱ ରେଡିଓ ଦିବସ ଅବସରରେ ସୁନାପାଳ 'ସମାବେଶ' ପରିସରରେ ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରେଡିଓ ବାଘାଯତିନ୍ ଗୋଷ୍ଠୀ ବେତାର କେନ୍ଦ୍ର ଏବଂ ମୌନଧ୍ୱନିର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ମଧ୍ୟପ୍ରଦେଶ, କର୍ଣ୍ଣାଟକ, ହିମାଚଳପ୍ରଦେଶ, ହରିଆଣା, ମହାରାଷ୍ଟ୍ର, ତାମିଲନାଡୁ, କେରଳ ଆଦି ସ୍ଥାନରୁ ଆସିଥିବା ସିନର୍ଜି ବନ୍ଧନ ଟିମ୍‌ର ୪୦ ଜଣ କିଶୋରୀ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। 'ରେଡିଓ ଏବଂ ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୁଷି ସେନଗାର, ମେଘା ବନସୋଦେ, ଏବଂ ଚାରୁ ଭରଦ୍ୱାଜ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ସ୍ଥାନ ଅଧିକାର କରିଥିଲେ। ସେହିଭଳି କୁଇଜ୍ ପ୍ରତିଯୋଗିତାରେ ପୂଜା ସିଂ, ଈଷା ସିଂ, ନେହା କୁଲୌରା କୃତିତ୍ୱ ହାସଲ କରିଥିଲେ। କାର୍ଯ୍ୟକ୍ରମକୁ ରେଡିଓ ବାଘାଯତିନର ଆର୍.ଜେ ଦେବେନ୍ଦ୍ର କୁମାର ରାଉଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ କପ୍ତିପଦା ବ୍ଲକ ସାନବିଶୋଳ ଗ୍ରାମରେ ଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ବାଘାଯତିନ୍ ଶ୍ରୋତାମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଚେତନଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରିଆସୁଛି। କୁନି କୁନି ପିଲାମାନଙ୍କ ପାଇଁ କୁନିକଳିକା, ଯୁବବନ୍ଧୁମାନଙ୍କ ପାଇଁ ଯୁବଜଗତ, ବରିଷ୍ଠ ନାଗରିକମାନଙ୍କ ସକାଶେ 'ଆମର ବରିଷ୍ଠ, ଆମର ସ୍ୱାଭିମାନ', ମହିଳାଙ୍କ ପାଇଁ 'ନମସ୍ୟା ନାରୀ' ଭଳି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରି ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି।

## ୩ଟି ବାଲି ବୋଝେଇ ହାଇୱା ଜବତ

**ଠାକୁରମୁଣ୍ଡା, ୧୩।୨(ସମିସ):** ଠାକୁରମୁଣ୍ଡା ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ଦିନରାତି ବିଭିନ୍ନ ନଦୀ, ନାଳ ଏବଂ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନଦୀ ନାଳରୁ ମଧ୍ୟ ଚୋରାରେ ବାଲି ଉତ୍ତୋଳନ କରୁଛନ୍ତି। ଏଥିପାଇଁ ମାଫିଆମାନେ ନକଲି ଟ୍ରାଞ୍ଜିଟ/ ଚାଲାଣ ପାସ ବ୍ୟବହାର କରି ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ଆଜି ଠାକୁରମୁଣ୍ଡା ଥାନା ବଜାର ନିକଟରୁ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାରୁ ଖଣି ଅଧିକାରୀ ଏବଂ ପୁଲିସ ୩ଟି ବାଲି ବୋଝେଇ ହାଇୱାକୁ ଜବତ କରିଛନ୍ତି। ଏହି ଗାଡିଗୁଡିକ ଆନନ୍ଦପୁର ବୈତରଣୀ ନଦୀରୁ ବାଲି ବୋଝେଇ କରି ଆସୁଥିବା ସମୟରେ ପୁଲିସ ଅଟକ ରଖି ଯାଞ୍ଚ କରିଥିଲେ। ହେଲେ ଚାଳକମାନେ ଠିକ୍‌ଭାବେ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୁଲିସ ଗାଡିକୁ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖିଛି।

## ନିଡ୍ ଏଜୁକେସନର ୬ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ବାରିପଦା, ୧୩।୨(ସମିସ):** କଠିନ ପରିଶ୍ରମ ଓ ଉପଯୁକ୍ତ ତାଲିମ ପାଇଲେ ଜଣେ ନିଶ୍ଚିତ ଜୀବନରେ ସଫଳତା ହାସଲ କରିପାରିବ। ଏବେ ପ୍ରମାଣ କରିଛନ୍ତି ନିଡ୍ ଏଜୁକେସନର ଛାତ୍ରଛାତ୍ରୀ। ଚଳିତ ମାସ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ନିଯୁକ୍ତି ମେଳାରେ ବାରିପଦାର ନିଡ୍ ଏଜୁକେସନର ୬ ଜଣ ଜାମଦା ବ୍ଲକର ବିଶ୍ୱଜିତ ମଣ୍ଡଳ, ବଡ଼ସାହି ବ୍ଲକର ଗୋପୀନାଥ ସିଂ, ସାରସକଣା ବ୍ଲକର ଡାକ୍ତର ଟୁଡୁ, ସାରସକଣା ବ୍ଲକ ଦିବି ବେଶ୍ରା, ସାରସକଣା ବ୍ଲକର ଚୂଡ଼ାମଣି ସୋରେନ ଓ କେନ୍ଦୁଝରର ଗଣେଶ ପୁହାଣ ଚାକିରି ପାଇଛନ୍ତି। ଅନୁଷ୍ଠାନ ତରଫରୁ ନବନିଯୁକ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକାଶ ଥାଉକି ଏହି ଅନୁଷ୍ଠାନରୁ ଦୀର୍ଘ ବର୍ଷ ଧରି ମୟୂରଭଞ୍ଜ ଓ କେନ୍ଦୁଝରର ଛାତ୍ରଛାତ୍ରୀ ସଫଳ ପ୍ରଶିକ୍ଷଣ ପାଇ ଓଡ଼ିଶା ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଅବସ୍ଥାପିତ ହୋଇପାରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା ଦୀପ୍ତି ପ୍ରକାଶ ବସା ଓ ଅନସୂୟା ବସା, କିରଣ କୁମାର ତୁଙ୍ଗ, ଦୀପକ କୁମାର ମହାନ୍ତ, ଘନଶ୍ୟାମ ମହାନ୍ତଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

## ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ବାରିପଦା, ୧୩।୨(ସମିସ):** ଶ୍ୟାମାଖୁଣ୍ଟା ବ୍ଲକର ଧନପୁରସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶାର ଉତ୍ତର ସମ୍ଭାଗର ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ବରିଷ୍ଠ ଆଇନଜୀବି କବିବିଷ୍ଣୁ ଶତପଥି ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତ ଯୋଗ ଦେଇ ବିଦ୍ୟାଳୟର ଶିଶୁ ଭାଇ ଭଉଣୀଙ୍କ କୃତିତ୍ୱ ବିଷୟରେ ଆଲୋଚନା କରିବା ସହ ବିଦ୍ୟାଳୟ ଏବଂ ଶିଶୁଙ୍କ ଆଗାମୀ ଭବିଷ୍ୟତ କିପରି ସରସ ସୁନ୍ଦର ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ସମ୍ପାଦିକା ରେଖାରାଣୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟା ଶାନ୍ତିଲତା ପାତ୍ର ଗୁରୁମା, ବିଷ୍ଣୁପ୍ରିୟା ଗୁରୁମା, ନିର୍ମଳା ଗୁରୁମା, ବୁଧୁନୀ ଗୁରୁମା ଓ ସତ୍ୟ ଗୁରୁଜୀଙ୍କ ସହିତ ବିଦ୍ୟାଳୟର ସଦସ୍ୟଗଣ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ସଭାପତି ଦିବ୍ୟଜ୍ୟୋତି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ୨୫ ସ୍ୱେଚ୍ଛାସେବୀ



**ବାରିପଦା, ୧୩।୨(ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ଏବଂ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ତରଫରୁ ଆୟୋଜିତ 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମରେ ୨୫ଜଣ ସ୍ୱେଚ୍ଛାସେବୀ ସମେତ ୨ଜଣ ଅଧିକାରୀ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଜିଲ୍ଲାରୁ ଆସିଥିବା ସ୍ୱେଚ୍ଛାସେବୀଙ୍କୁ ନେଇ ୬ଟି ଟିମ୍ ବିଭକ୍ତ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର ସ୍ୱେଚ୍ଛାସେବ ଟିମ୍-୨ ଓ ଟିମ୍-୫ରେ ସାମିଲ ଥିଲେ। ଟିମ୍-୨ରେ ସୀମାନ୍ତ ମହାବିଦ୍ୟାଳୟର ଜାତୀୟ ସେବା କାର୍ଯ୍ୟକ୍ରମ ଅଧିକାରୀ ଶରତ କୁମାର ପାଢ଼ୀ ସମେତ ସ୍ୱେଚ୍ଛାସେବୀ ଦୀପକ, ସଲାଇ, ଚନ୍ଦ୍ରିକା, ମାୟା, ବୁରଜୁ, ଶୁଭମନି, ଦେବଦତ୍ତ, ରାଜୀବ, ଜ୍ୟାତିର୍ମୟ, ରୂପାଲି, ଚନ୍ଦନ, ଲାଡିଲି ଧଉଳି, ପୁରୀ ଶ୍ରୀମନ୍ଦିର, ରତ୍ନଗିରି ଗସ୍ତ କରିଥିଲେ। ସେହିପରି ଟିମ୍-୫ରେ ଆଞ୍ଚଳିକ ମହାବିଦ୍ୟାଳୟ, ଗଡ଼ିଆ କଲେଜର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରଭାତ କୁମାର ସାହୁଙ୍କ ସହ ସ୍ୱେଚ୍ଛାସେବୀ ରିଙ୍କୁ, ସ୍ୱର୍ଣ୍ଣଲକ୍ଷ୍ମୀ, ନିକି, ଶିବଶଙ୍କର, ମନିଷ, ବେବି, ସାହିଲ, ରବି, ଗୁରୁ, ସେବତୀ, ଶଶ୍ମିତା, ସୁନେଲି, ସୁନିଲ୍ ପାତାଳୀ ଶ୍ରୀକ୍ଷେତ୍ର, ଦାରିଙ୍ଗବାଡି, କଣ୍ଟିଲୋ ନୀଳମାଧବ ମନ୍ଦିର ଗସ୍ତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଏବଂ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍; ରାଇରଙ୍ଗପୁର ବିଜୟୀ



**ବାରିପଦା, ୧୩।୨(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ମ୍ୟାଚରେ ରାଇରଙ୍ଗପୁର କ୍ଲବ ମୟୂରଭଞ୍ଜ ଗ୍ରୀନ ଦଳକୁ ୧୦୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟ କୁମାର ୫୪ ଓ ଶୁଭମ ସାହୁ ୪୭ ରନ କରିଥିବା ବେଳେ ବିପକ୍ଷ ଦଳର ବିବେକ ମହାନ୍ତି ୬ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମୟୂରଭଞ୍ଜ ଗ୍ରୀନ ଦଳ ୧୩. ୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୬ରନ ସଂଗ୍ରହ କରିପାରିଥିଲେ। ବିପକ୍ଷ ଦଳର ମାନସ ରଞ୍ଜନ ପଟ୍ଟନାୟକ ୫ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିଲେ। ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଲୋହିତଙ୍କ କୃତିତ୍ୱ

**ବାରିପଦା, ୧୩।୨(ସମିସ):** ପୁରୀସ୍ଥିତ ସ୍ୱର୍ଣ୍ଣିମ ବେଳାଭୂମିରେ ଆୟୋଜିତ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଲୋହିତକାୟ ଶତପଥୀ କୃତିତ୍ୱ ଅର୍ଜନ କରିଛନ୍ତି। ଏ ନେଇ ବାରିପଦାଠାରେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଚଳିତ ସପ୍ତାହରେ ପୁରୀରେ ୨ଦିନ ଧରି ୱାର୍ଲଡ଼ ଫିଟନେସ ଫେଡରେସନ ପକ୍ଷରୁ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଶା ସମେତ ଅନ୍ୟ ୨୫ଟି ରାଜ୍ୟରୁ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରେ



ଲୋହିତକାୟ ଶତପଥୀ ଅଂଶଗ୍ରହଣ କରି ୨ଟି ବର୍ଗରେ କୃତିତ୍ୱ ହାସଲ କରିଛନ୍ତି। ମେନ୍ସ ଫିଜିକ୍ସ ବର୍ଗରେ ଚତୁର୍ଥ ଓ ଡେନିମ ଜିନ୍ସ ମଡେଲ ବର୍ଗରେ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଏ ନେଇ ତାଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ଏହି କୃତିତ୍ୱ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ସ୍ଥାୟୀ ମରାମତି କରୁନି ୱାଟ୍‌କୋ | ପୁଣି ଫାଟିଲା ଭୂତଳ ପାଣି ପାଇପ୍

**ବାରିପଦା, ୧୩।୨(ସମିସ)**

ବାରିପଦା ସହରରେ ୱାଟକୋ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବେହାଲ ହେବାରେ ଲାଗିଛି। ବିଭାଗ ପକ୍ଷରୁ ସ୍ଥାୟୀ ମରାମତି କରାନଯାଇ ନିମ୍ନମାନର କାର୍ଯ୍ୟ ପାଇଁ ମାତ୍ର କେଇ ମାସ ମଧ୍ୟରେ ପୁଣି ପାଇପ ଫାଟି ଅଯଥାରେ ପାଣି ବୋହୁଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧୀନରେ ଥିବା ୱାଟକୋ ବିଭାଗର ମନଇଚ୍ଛା କାମ ପାଇଁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ସହରର ବସଷ୍ଟାଣ୍ଡ ନିକଟରେ ଗତ ସେପ୍ଟେମ୍ବରରେ କେବୁଲ ଲାଇନ ବିଛାଇବା ପାଇଁ ମେସିନ ଖୋଲିବା ବେଳେ ମୁଖ୍ୟ ପାଇପ ଫାଟି ଯାଇଥିଲା। ପରେ ମରାମତି କରାଯାଇଥିଲା; କିନ୍ତୁ ଅଳ୍ପ ଦିନ ମଧ୍ୟରେ ପୁଣି ପାଇପ ଫାଟିଛି। ସ୍ଥାୟୀ ମରାମତି କରାଯାଉ ନ ଥିବାରୁ ଅଯଥାରେ ପାଣି ଅପଚୟ ହେଉଛି।



ଏପରିକି ଫଟା ପାଇପରେ ଦୂଷିତ ପାଣି ମିଶୁଛି। ଉକ୍ତ ପାଣିକୁ ଲୋକେ ପିଇବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏଥିସହିତ ବାରମ୍ବାର ଖୋଲି ମରାମତି କରିବା ଦ୍ୱାରା ରାସ୍ତାଗୁଡିକ ନଷ୍ଟ ହେବା ସହିତ ଅଳ୍ପ ବର୍ଷାରେ ପିଚ ଉଠି ଯାଉଛି। ଭୂତଳ ପାଣି ପାଇପ ବିଛାଇବା ଆଳରେ ସହରର ରାସ୍ତାଗୁଡ଼ିକ ନଷ୍ଟ ହେବା ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଠିକା ସଂସ୍ଥାର ମନଇଚ୍ଛା କାର୍ଯ୍ୟଧାରା ପାଇଁ ସହରର ରାସ୍ତାଘାଟ ସବୁଠି ଖାଲଖମା ହେଲାଣି। ବିଭାଗୀୟ ଅଧିକାରୀ ଏ ନେଇ ସ୍ଥିତି ଅନୁଧ୍ୟାନ କରୁନାହାନ୍ତି। ଫଳରେ ଠିକାଦାରମାନେ ମନଇଚ୍ଛା କାମ କରୁଛନ୍ତି। ସହରର ମୁଖ୍ୟ ରାସ୍ତା ଗୁଡିକୁ ରାତିଅଧିଆ ଖୋଳି ଦିଆଯାଉଛି; କିନ୍ତୁ ପରେ ଆଉ ମରାମତି କରିବାକୁ ଭୁଲି ଯାଉଛନ୍ତି। ଫଳରେ ଲୋକେ ଖାଲଖମାରେ ପଡ଼ି ଆହତ ହେଉଥିବା ମଧ୍ୟ ନଜିର ରହିଛି। ବସଷ୍ଟାଣ୍ଡ ଭଳି ଜନଗହଳି ସ୍ଥାନରେ ବାରମ୍ବାର ରାସ୍ତାକୁ ଖୋଳି ଦିଆଯାଉଥିବାରୁ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ବିଭାଗର କୌଣସି ଦୃଷ୍ଟି ପଡୁନଥିବାରୁ ଅସନ୍ତୋଷ ଦେଖାଦେଇଛି।

### ବିଜୁଳି ଦେଖି ନ ଥିବା ଗାଁ କାଶିପାଣି

# ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ଗ୍ରାମବାସୀ

ରାଇରଙ୍ଗପୁର, ୧୩।୨(ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ବିଦ୍ୟୁତ ଆଲୁଅ ଦେଖି ନାହାନ୍ତି କାଶିପାଣି ଗ୍ରାମବାସୀ। ଫଳରେ ଗାଁକୁ ବିଜୁଳି ସଂଯୋଗ ଦାବିକରି ସୋମବାର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ



କରିଛନ୍ତି। ସୂଚନା ଅନୁସାରେ, ବିଶୋଇ ବ୍ଲକ ଭାତଛତ୍ର ଗ୍ରାମ ପଞ୍ଚାୟତ କାଶିପାଣି ଗାଁରେ ୫୦ଟି ପରିବାର ବସବା କରୁଛନ୍ତି। ଏହି ଗାଁର ଲୋକସଂଖ୍ୟା ପ୍ରାୟ ୫ରୁ ଊର୍ଦ୍ଧ୍ୱ। ୪୯ନଂ. ଜାତୀୟ ରାଜପଥରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ପକ୍କା ରାସ୍ତା ଗାଁକୁ ସଂଯୋଗ କରିଛି। ଏହି ଗ୍ରାମବାସୀ ଆବାସ ଯୋଜନା, ଭତ୍ତା, ଚାଉଳ ପାଇବା ପରି ବହୁ ଜନହିତକର ଯୋଜନାର ଲାଭ ପାଉଛନ୍ତି; ହେଲେ ସ୍ୱାଧୀନତାର ୭୮ ବର୍ଷ ପରେ ବି ଏ ଯାଏ ଗ୍ରାମବାସୀ ବିଜୁଳି ଦେଖିନାହାନ୍ତି। ଦିନ ବେଳେ ଯେମିତି ବି ସମୟ କଟିଯାଉଛି; ହେଲେ ସୂର୍ଯ୍ୟାସ୍ତ ହେବା ପରେ ସମସ୍ୟା ବଢ଼ିଯାଏ। ଗାଁ ଲୋକ ବିଦ୍ୟୁତ ଆଲୁଅ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଡିବିରି ଓ ଲଣ୍ଠନ ଉପରେ ଭରସା କରନ୍ତି ଗ୍ରାମବାସୀ। ଏପରିକି ଗାଁର ଛାତ୍ରଛାତ୍ରୀ ମଧ୍ୟ ଡିବିରି ଆଲୁଅରେ ନିଜର ଭବିଷ୍ୟତ ନିଜେ ଗଢୁଛନ୍ତି। ପାହାଡ଼ ଘେରା ଅଞ୍ଚଳରେ ଲୋକଙ୍କ ଅନ୍ଧାରରେ ବସବାସ କରିବା କଷ୍ଟକର ହେଉଥିବା ଅଭିଯୋଗ ହୋଇଛି। ବିଜୁଳି ସଂଯୋଗ ନିମନ୍ତେ ଗ୍ରାମବାସୀ ଦୀର୍ଘବର୍ଷ ହେଲା ବିଡ଼ିଓ, ଜିଲ୍ଲାପାଳ ସହିତ ବିଭାଗୀୟ ଅଧିକାରୀଙ୍କୁ ନେହୁରା ହେଉଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଶେଷରେ କାଶିପାଣି ଗ୍ରାମବାସୀ

**ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଅବହେଳାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ୫୦ ପରିବାର**

ଗାଁରେ ବିଦ୍ୟୁତ ସଂଯୋଗ ଦାବିରେ ବିଗତ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିଥିଲେ; ହେଲେ ସମସ୍ୟାର ସମାଧାନ ହୋଇ ନ ଥିଲା। କାଶିପାଣି ଗାଁ ନିକଟ ମାତ୍ର ୨ ଶହ ମିଟର ଦୂରରେ ଥିବା ଗାଁରେ ବିଜୁଳି ଆଲୁଅ ଜଳୁଛି; କିନ୍ତୁ କାଶିପାଣି ଗାଁରେ ବ୍ୟତିକ୍ରମ ଦେଖାଦେଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଅବହେଳାରୁ ଆଜିଯାଏ ଗାଁକୁ ବିଜୁଳି ସଂଯୋଗ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଚିରଞ୍ଜିତ ସାହୁଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ବନ ବିଭାଗର ସ୍ୱୀକୃତି ପରେ ଗାଁକୁ ବିଦ୍ୟୁତ ସଂଯୋଗ ହୋଇପାରିବ। ଅନ୍ୟ ପକ୍ଷରେ ବନ



ବିଭାଗ ଅଧିକାରୀ କହିଛନ୍ତି ଯେ, ଗାଁକୁ ବିଦ୍ୟୁତ ସଂଯୋଗ କରିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ।

## ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ



ବାରିପଦା, ୧୩।୨(ସମିସ): ଓଡିଆ ସିନେ ଜଗତର ମହାନାୟକ ତଥା ସୁପରଷ୍ଟାର ଉତ୍ତମ ମହାନ୍ତି ଏବେ ଗୁରୁତର ଅସୁସ୍ଥ ହୋଇ ଦିଲ୍ଲୀସ୍ଥିତ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅସୁସ୍ଥ ଖବର ପ୍ରଚାରିତ ହେବା ପରେ ସାରା ଓଡ଼ିଶାରେ ଉତ୍ତମ ପ୍ରେମୀମାନେ ବିଚଳିତ ହୋଇପଡ଼ିଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି। ମଙ୍ଗଳବାର ଉତ୍ତମ ମହାନ୍ତିଙ୍କ ଜନ୍ମମାଟି ବାରିପଦା ମା'ଅମ୍ବିକା ମନ୍ଦିରରେ ଅଭିରାମ ଅଭିନୟ ଅନୁଷ୍ଠାନ ଓ ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ ସନ୍ଧ୍ୟାରେ ୧୦୮ ପ୍ରଦୀପ ପଜ୍ୱଳନ କରାଯାଇଥିଲା। ଅଭିରାମ ଅଭିନୟ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ସିନେ ଜଗତର ବିଶିଷ୍ଟ ସଂଳାପ, ଲେଖକ, ନିର୍ଦ୍ଦେଶକ ତଥା ଅଭିନେତା ଚିନ୍ମୟ ଦାସପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ମୟୂରଭଞ୍ଜ ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଭିରାମ ଅଭିନୟ ଅନୁଷ୍ଠାନ, ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ଦୀପ ଜାଳିଥିଲେ।

## ଟିମ୍ କିଡ୍‌ସର 'ବାଲ୍ ମହୋତ୍ସବ'



ବାରିପଦା, ୧୩।୨(ସମିସ): ବାରିପଦା ସ୍ଥିତ କୁନି ପିଲାଙ୍କ ଦୁଇ ସ୍କୁଲ ଟିମ୍ କିଡସ୍ (ବାଘଡାରୋଡ଼ ଓ ମୁର୍ଗାବାଡି) ଆନୁକୂଲ୍ୟରେ ସହିଦ ସ୍ମୃତି ଭବନରେ ୧୪ତମ ବାର୍ଷିକ ଉତ୍ସବ 'ବାଲ ମହୋତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା.ପାର୍ଥ ସାରଥି ମହାନ୍ତି ମୁଖ୍ୟଅତିଥି, ବାରିପଦା ବିଇଓ ନଳିନିକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଶିଳ୍ପପତି ତଥା ସମାଜସେବୀ ଆଲୋକ କୁମାର ମହାନ୍ତି, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ରଜନୀ ବାରିକ, ଉତ୍ତମ ଚନ୍ଦ୍ର ସାହୁ, ମନୋରମା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଟିମ୍ କିଡସର ଉପଦେଷ୍ଟା ଆଶିଷ କୁମାର ଦେ, ପ୍ରଜ୍ଞା ପରମିତା ପଣ୍ଡା ଓ ବଳରାମ ନାଥଙ୍କ ଦିଗଦର୍ଶନରେ ତଥା ଅନୁଷ୍ଠାନର ନିର୍ଦ୍ଦେଶକ ଅସିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷା ଉପଦେଷ୍ଟା ଉର୍ବଶୀ ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

## ଖଇରିବଣି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୈଶିଙ୍ଗା, ୧୩।୨(ସମିସ): ଖଇରିବଣି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଦେବଳା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ଦଣ୍ଡପାଟ ସଭାପତି ଆସନ ଅଳଙ୍କୃତ କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ତୋଟାପଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗୁରୁଭା ମାଝୀ, ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁ, ବାଗୁଲି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ରାଇକମା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସିନ ଥିବା ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ରତିକାନ୍ତ ମହାନ୍ତ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ସବିତା ଦାସ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଦିଲ୍ଲୀପ ସିଟ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ 'ନିପୁଣ ଓଡ଼ିଶା' ମେଳା



ମୋରଡା, ୧୨।୨(ସମିସ): ମୋରଡା ବ୍ଲକ ଅଧୀନ ଦାନ୍ତିଆମୁହାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ନିପୁଣ ଓଡ଼ିଶା ମେଳା ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି କୌଶିକ ଦାସ ମେଳାକୁ ଆୟୋଜନ କରିଥିବା ବେଳେ ଦାନ୍ତିଆମୁହାଁ କ୍ଲଷ୍ଟର ଅଧୀନ ୧୨ଟି ବିଦ୍ୟାଳୟରୁ ପ୍ରଥମରୁ ତୃତୀୟ ଶ୍ରେଣୀର ୧୨୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦାନ୍ତିଆମୁହାଁ ସମିତି ସଭ୍ୟ ସୁକୁଲ ମୁର୍ମୁ, ନାଏବ ସରପଞ୍ଚ ନିରଞ୍ଜନ ସି ଯୋଗଦେଇ ଓଡ଼ିଶାର ବିକାଶରେ ନିପୁଣ ଓଡ଼ିଶାର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସମେତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ସି ଧନ୍ୟବାଦ ଅର୍ପଣ କରିଥିଲେ।

**ଶୁକ୍ଳି :** ଶୁକ୍ଳି ବ୍ଲକ ଖିଚିଙ୍ଗେଶ୍ୱରୀ ଉପ୍ରା ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ରକ୍ରମରେ ମୁଖ୍ୟବକ୍ତା ଭାବରେ ୫୨ ନଂ. ଜିଲ୍ଲାପରିଷଦ ସଭ୍ୟ ବିକାଶ ରଞ୍ଜନ ସି, ମୁଖ୍ୟ ଅତିଥି ଖିଚିଂ ସରପଞ୍ଚ ଅଙ୍କିତା ବେହେରା, ସମ୍ମାନିତ



ଅତିଥି ଶୁକ୍ଳି ବ୍ଲକ ଅଧକ୍ଷା କବିତା ମଞ୍ଜରୀ ନାୟକ, ସମିତି ସଭ୍ୟା ଜ୍ୟୋତିରେଖା ପାତ୍ର ଯୋଗଦେଇଥିଲେ। ଶେଷରେ ଖିଚିଂ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ୧୦ ଜଣ ଲେଖାଏଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଗାମୀ ଦିନରେ ଏହି ମେଳାରେ ୪ର୍ଥରୁ ୧୦ମ ପର୍ଯ୍ୟନ୍ତ ପିଲାମାନଙ୍କୁ ମଧ୍ୟ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଲେ ସେମାନେ ମଧ୍ୟ ଭବିଷ୍ୟତ ପାଇଁ ପ୍ରୋତ୍ସାହନ ପାଇବେ। ମେଳାରେ ଅଧିକରୁ ଅଧିକ ଅଭିଭାବକ ଯୋଗଦାନ କଲେ ପିଲାମାନଙ୍କୁ ଆଗକୁ ଆହୁରି ଭଲ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାର ଇଚ୍ଛା ବଢ଼ିବ ବୋଲି ଶିକ୍ଷକ ଶିକ୍ଷୟିତ୍ରୀ କହିଥିଲେ।

**ସାରସକଣା :** ସାରସକଣା ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଳଚରଣ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସୁମନ୍ତ କୁମାର ନାଏକ ଯୋଗଦେଇ ମେଳାର



ଉଦ୍ଦେଶ୍ୟ ଏବଂ ନୂତନ ଶିକ୍ଷା ନୀତିର ରୂପରେଖା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନଶୀଳତା କାର୍ଯ୍ୟକ୍ରମ, ମତାମତ ସହ ୫ଟି ଶିକ୍ଷଣ କେନ୍ଦ୍ର ନିପୁଣ ଓଡ଼ିଶା, କାହାଣୀ କହିବା ଓ ଭୂମିକା ନିର୍ବାହ, ଅଭିନବ ଶିକ୍ଷଣ ସାମଗ୍ରୀ ଓ ଅଭ୍ୟାସ ପ୍ରଦର୍ଶନ, ଲାଇଭ କ୍ଲାସ ଓ ସ୍ୱତନ୍ତ୍ର କ୍ଲାସର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଧାଙ୍ଗୁଡିଷୋଲ ପଞ୍ଚାୟତ ସରପଞ୍ଚ ଲୋକେଶ୍ୱର ନାଏକ, ପୋଖରିଆ ସରପଞ୍ଚ ତାପସ ଦାସ, ସିଲଫୋଡି ସରପଞ୍ଚ ଶିବଶଙ୍କର ନାଏକ, ସାରସକଣା ସରପଞ୍ଚ ଆଶାମଣି ନାଏକ, ଚେୟାରମ୍ୟାନ ସୁରଜିତ ପାଲିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ରଙ୍ଗବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ରେଳଷ୍ଟେସନ ସଫେଇ

ବୈଶିଙ୍ଗା, ୧୩।୨(ସମିସ): ବୈଶିଙ୍ଗା ଥାନା ଯୁଗପୁରା ରେଳ ଷ୍ଟେସନ ପରିସରରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ସଫେଇ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ସମସ୍ତ ବରିଷ୍ଠ ନାଗରିକ ରେଳ ଷ୍ଟେସନର ଉଭୟ ପାର୍ଶ୍ୱ ରାସ୍ତାରୁ ଆବର୍ଜନା ସଫେଇ କରିବା ସହିତ ପରିବେଶ ପ୍ରଦୂଷଣ ନ କରିବାକୁ ସଚେତନତା କରିଥିଲେ। ଆଗାମୀ ଦିନରେ ବୈଶିଙ୍ଗା ଅଞ୍ଚଳରେ ଏହି ସେବାକୁ ଆହୁରି ବ୍ୟାପକ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ



ଲକ୍ଷ୍ମୀଧର ନାଥ, ଚନ୍ଦ୍ର ମୋହନ ମହାପାତ୍ର, ସୋମନାଥ ମନ୍ତ୍ରୀ, ଲୋକନାଥ ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ଜୟନାରାୟଣ ସାହୁ, ମନୋଜ କୁମାର ମହାନ୍ତ, ବଂଶୀଧର ସାହୁ, ଅଜୟ ଦାସ ପ୍ରମୁଖ ବହୁ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।

## ଯୋଗେଶ୍ୱର ଶିବ ମୁନିଙ୍କ ସ୍ମୃତି ସ୍ମାରକୀ ଶ୍ରଦ୍ଧାଞ୍ଜଳି ଦିବସ

ବାରିପଦା, ୧୩।୨(ସମିସ): ବୁଧବାର ଭଞ୍ଜପୁର ସ୍ଥିତ ଶିବମୁନି କେନ୍ଦ୍ର ଯୋଗାଶ୍ରମରେ ଅଖିଳ ଭୂ-ମଣ୍ଡଳୀୟ ସର୍ବଶିରୋମଣି ମୁନି କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଯୋଗ ଅନ୍ତର୍ମୁଖୀ ଜୀବମୂର୍ତ୍ତି ମାର୍ଗର ପ୍ରଣେତା ସଦ୍‌ଗୁରୁ ଯୋଗେଶ୍ୱର ଶିବ ମୁନିଙ୍କ ୬୪ତମ ସ୍ମୃତି ସ୍ମାରକୀ ଶ୍ରଦ୍ଧାଞ୍ଜଳି ଦିବସ ଏବଂ ଅଖିଳ ଭୂ-ମଣ୍ଡଳୀୟ ସର୍ବ ଶିରୋମଣି ମୁନି କଲ୍ୟାଣ ପରିଷଦର ୩୬ତମ ପ୍ରଚାର ଦିବସ ପାଳିତ ହୋଇଯାଇଛି। ମହାସଚିବ ଯୋଗାଚାର୍ଯ୍ୟ ଅଜୟ ମୁନିଙ୍କ ଆହ୍ୱାନ୍ ପରେ ଅଧକ୍ଷ ପରଂ ସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନିଙ୍କ ପୌରୋହିତ୍ୟରେ ଜ୍ଞାନଯଜ୍ଞ ସତସଙ୍ଗ ସମାରୋହ ଅନୁଷ୍ଠିତ ହୋଇଛି। ଉପାଧକ୍ଷ ଯୋଗାଚାର୍ଯ୍ୟ ରାଧାଶ୍ୟାମ ମୁନି ଓ ସାଇଖାନ୍ ମୁନି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଯୋଗାଚାର୍ଯ୍ୟ ସୁରେଶ ମୁନି ଗୌରୀକ ଧ୍ୱଜା ଉତ୍ତୋଳନ କରିବା ପରେ ଶିବ ମୁନିକ ଜୟ ଆତ୍ମା ପରଂବ୍ରହ୍ମମନ ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଯୋଗୀ ନେପାଳ ମୁନି ସତ୍ୟଧ୍ୱଜା ଉତ୍ତୋଳନ କରିଥିଲେ। ପରେ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯୋଗାଚାର୍ଯ୍ୟ ରାଧାଶ୍ୟାମ ମୁନି, ସହ ସଚିବ ଯୋଗୀ ଗଙ୍ଗାଧର ମୁନି, ମୁନିମତି ବାସନ୍ତି ଦେବୀ, ଯୋଗୀମତୀ ଦମୟନ୍ତି ଦେବୀ ଓ ଭଞ୍ଜପୁର ଯୋଗାଶ୍ରମର ନିକଟ ସାହିର ବାସିନ୍ଦା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଟାଟା ପାୱାର ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

# ୮ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

ଶୁଳିଆପଦା, ୧୩।୨(ସମିସ): ବିଦ୍ୟୁତ୍ ଯୋଗାଣ ସଂସ୍ଥା ବିରୋଧରେ ଭଞ୍ଜସେନା ପକ୍ଷରୁ ଶୁଳିଆପଦା ବ୍ଲକ ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ଅନୁପସ୍ଥିତ ଥିବାରୁ ମୁଖ୍ୟ କିରାଣୀ ସରସ୍ୱତୀ ସୋରେନଙ୍କୁ ଭଞ୍ଜସେନା ଅଧକ୍ଷ ସଞ୍ଜୀବ ରାଉତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ଟାଟା ପାୱାର ଭଲ ମିଟରକୁ ଖରାପ ଓ ଟାମ୍ପରିଂ ଦର୍ଶାଇ ଜୋର୍ ଜବରଦସ୍ତ ଜରିମାନା ଆଦାୟ କରି ସ୍ମାର୍ଟ ମିଟର ଲଗାଉଛି, ପ୍ରି ପେଡ୍ ସ୍ମାର୍ଟ ମିଟର ଲଗାଇବା ସମ୍ପୂର୍ଣ୍ଣ ବନ୍ଦ କରାଯାଉ, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ପ୍ରସ୍ତା କୁ ବାତିଲ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ଆବଶ୍ୟକସ୍ଥଳରେ



ମିଟର ସ୍ଥାନାନ୍ତର ଓ ସର୍ଭିସ ଲାଇନ୍ ତାର ପରିବର୍ତ୍ତନକୁ ପୂର୍ବଭଳି ଦେୟ ମୁକ୍ତ, ଘରୋଇ ଉପଭକ୍ତାଙ୍କ ପାଇଁ ଟାଇମ୍ ଅଫ୍ ଡେ ତାରିଫ୍ ଶୁଳ୍କ ବ୍ୟବସ୍ଥାକୁ ବାତିଲ, ଉପଭକ୍ତାଙ୍କୁ ୩ ଶହ ୟୁନିଟ ମାଗଣା, ଠିକା କର୍ମଚାରୀଙ୍କୁ ତୁରନ୍ତ ଟାଟା ପାୱାର ନିୟମିତ କରିବା, ଶୁଳ୍କ ଆଦାୟ ଓ ଯାଞ୍ଚ ପାଇଁ ଆସିଥିବା ଟାଟା ପାୱାରର ଅଣ ଓଡିଆ କର୍ମଚାରୀଙ୍କ ଗୁଣ୍ଡା ଗର୍ଦ୍ଦି ବନ୍ଦ ଆଦି ଅନ୍ତର୍ଭୁକ୍ତ। ଆଗାମୀ ୧୫ ଦିନ ମଧ୍ୟରେ ଏହିସବୁ ଦାବି ପୂରଣ ନ ହେଲେ ଭଞ୍ଜସେନା ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦାବିପତ୍ରର ଏକ ନକଲ ବିଦ୍ୟୁତ୍ ନିୟାମକ ଆୟୋଗ, ଉପମୁଖ୍ୟମନ୍ତ୍ରୀ, ଶକ୍ତି ସଚିବ, ଓଡ଼ିଶା, ପରିଚାଳନା ନିର୍ଦ୍ଦେଶକ, ଟାଟା ପାୱାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଶାଖା, ସଭାପତି, ଭଞ୍ଜସେନା ବାଜୁନ୍ ହାଁସଦା, ବିରଞ୍ଚି ପାତ୍ର, ଦିଲ୍ଲୀପ କୁମାର ଦାସ୍, ରାଜକୁମାର ପାତ୍ର, ରାମ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ହରିହାଟରେ ମୁଖ୍ୟ ଆକର୍ଷଣ ଧନୁ ଉତ୍ସବ

# ନଗର ପରିକ୍ରମା କଲେ କଂସ ମହାରାଜ



ସାନକେରକ, ୧୩।୨ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାଧପୁର ହରିହାଟ ମହୋତ୍ସବର ତୃତୀୟ ଦିନରେ କଂସ ମହାରାଜଙ୍କ ନଗର ପରିକ୍ରମା ସହିତ ଧନୁ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାଘ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରୁ ଆରମ୍ଭ ହୋଇ ଏହି ଉତ୍ସବ ୪ ଦିନଧରି ଚାଲେ। ମହୋତ୍ସବର ତୃତୀୟ ଦିନରେ ପ୍ରାତଃରୁ ଭାଗବତ ଗୋସେଇଁଙ୍କ ପହଡ ଭଙ୍ଗାନୀତି ପରେ ସୂର୍ଯ୍ୟପୂଜା, ଆଳତୀ ଓ ସମସ୍ତ ନୀତି କାନ୍ତି ସମ୍ପନ୍ନ ହୋଇଥିଲା। ପରେ ଭାଗବତ ପାଠ କରାଯାଇଥିଲା। ଦିବସ ବ୍ୟାପୀ ଭଜନ କୀର୍ତ୍ତନ ଜାରି ରହିଥିବା ବେଳେ ମଧ୍ୟାହ୍ନରେ ଭାଗବତ ଗୋସେଇଁଙ୍କ ନିକଟରେ ଅରୁଆ ଖେଚୁଡ଼ି ଅନ୍ନ, କ୍ଷିରି ଭୋଗଲାଗି କରାଯାଇଥିଲା। ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ କଂସ ମହାରାଜ ଏକ ସୁସଜ୍ଜିତ ରଥରେ ବସି ନଗର ପରିକ୍ରମା କରିଥିଲେ। ଏହି ଅବସରରେ କଂସ ମହାରାଜଙ୍କ ଅଟ୍ଟହାସ୍ୟ ଯୁକ୍ତ ସଂଳାପ ଓ ଆଦେଶ ଭୟ ସଞ୍ଚାର କରୁଥିବା ବେଳେ ଭିନ୍ନ ଏକ ଧନୁଯାତ୍ରାର ମାହୋଲ ଦେଖିବାକୁ ମିଳିଥିଲା। ସେପଟେ ଅକ୍ରୂରଙ୍କ ଦ୍ୱାରା ଚାଳିତ ରଥରେ କୃଷ୍ଣ ଓ ବଳରାମଙ୍କୁ ଦେଖି ଦର୍ଶକ ଭାବବିହ୍ୱଳ ହୋଇଥିଲେ। କଂସ ମହାରାଜ, ଅକ୍ରୂର ଓ କୃଷ୍ଣ ବଳରାମ ନଗର ପରିକ୍ରମା କରୁଥିବାବେଳେ ମହିଳାମାନେ ଶଙ୍ଖ ହୁଳ ହୁଳି ଦେଇ ସ୍ୱାଗତ କରିଥିଲେ। ଅଗିରା ପୂର୍ଣ୍ଣମୀ ଅବସରରେ ସଂକୀର୍ତ୍ତନ ସହିତ ଅଗ୍ନିଉତ୍ସବ ପାଳିତ ହୋଇଥିଲା। ଶ୍ରଦ୍ଧାଳୁମାନେ ନିଆଁରେ ବାଇଗଣ, ଆଳୁ ଓ ଅନ୍ୟାନ୍ୟ ପାରିବା ଫିଙ୍ଗି ସେଗୁଡିକୁ ପରେ ଘରକୁ ଆଣି ପ୍ରସାଦ ଭାବେ ସେବନ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ କଂସ ଦରବାର, ରଙ୍ଗ ମହଲ ଓ କଂସ ପୋଡି ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଭାଗବତ ଗୋସେଇଁଙ୍କ ନିକଟରେ ପ୍ରସାଦଲାଗି ହେବାପରେ ଆନନ୍ଦ ବଜାରରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା।

## ପୁରୁଣା ବାରିପଦାରେ ଭାଗବତ ପାରାୟଣ

କୁଆମରା, ୧୩।୨(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାଠାରେ ଭାଗବତ ପାରାୟଣ ୧୪ ବର୍ଷରେ ପଦାର୍ପଣ କରିଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ଭାଗବତ ଉତ୍ସବ ଅବସରରେ ଠାକୁରଙ୍କ ନାଗାର୍ଜୁନ, ରାଧା ଦାମୋଦର, ରଘୁନାଥ, ଗଜାନନ ଆଦି ବେଶକୁ ଭକ୍ତମାନେ ଦର୍ଶନ କରିଥିଲେ। ପ୍ରଥମ ଦିବସରେ ସ୍ଥାନୀୟ ଜଳାଶୟରୁ ଘଟ ଆସି ଠାକୁରଙ୍କ ଆସ୍ଥାନରେ ପହଞ୍ଚିବା ପରେ ନୀତିକାନ୍ତି ସହ ସୂର୍ଯ୍ୟ ପୂଜା, କୃଷ୍ଣ ଓ ରୁକ୍ମଣୀଙ୍କ ବିବାହ, ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହିତ ସପ୍ତାହ ବ୍ୟାପୀ ଭାଗବତ ପାଠ କରାଯାଇଥିଲା। ବୃନ୍ଦାବନରୁ ଆସିଥିବା ବାବା ଦୀନବନ୍ଧୁ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସମାଜସେବୀ ଚାରୁ ଚନ୍ଦ୍ରଙ୍କ ଦେହାନ୍ତ

କରଞ୍ଜିଆ, ୧୩।୨(ସମିସ): କରଞ୍ଜିଆ ସହରର ୩ନଂ. ୱାର୍ଡ଼ର ବରିଷ୍ଠ ସମାଜସେବୀ ପରେଶ ଚନ୍ଦ୍ର ଦାଶ (ନାଣ୍ଟୁ)ଙ୍କ ପିତା ଚାରୁ ଚନ୍ଦ୍ରଙ୍କ ପରଲୋକ ହୋଇଯାଇଛି ମୃତ୍ୟୁ ବେଳକୁ ତାଙ୍କୁ ୯୧ବର୍ଷ ହୋଇଥିଲା। ସେ କିଛି ବର୍ଷ ହେଲା ବାର୍ଦ୍ଧକ୍ୟ ରୋଗରେ ପୀଡିତ ରହି ଚିକିତ୍ସିତ ହେଉଥିଲେ। ବଣ ସାହିସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ସମାଜସେବୀଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ପ୍ରଥମେ ମାଣିକ ଛକଠାରେ ହୋଟେଲ ବ୍ୟବସାୟ ଆରମ୍ଭ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦୁଇ ବାଇକ୍ ଧକ୍କା; ୪ ଆହତ

**ସୋସୋ/ହାଟଡ଼ିହୀ, ୧୩।୨(ସମିସ):** ହାଟଡିହି ବ୍ଲକ ଛେନାପଦି–ବଉଳା ରାସ୍ତାର ଦୁଆରଶୁଣୀ ନିକଟରେ ଦୁଇ ମଟର ସାଇକଲ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ପନ୍ଦାଡୋ ଗ୍ରାମର ଦୀପକ ପଲତା, ରୁଦ୍ର ନାୟକ ଏବଂ ମୁଗୁପୁର କଣ୍ଟିଆଡିହି ଗ୍ରାମର ଆକାଶ ଦେହୁରୀ, ପ୍ରଶାନ୍ତ ପ୍ରଧାନ। ସମସ୍ତଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ପଠାଯାଇଥିବାବେଳେ ଜଣେ ଗୁରୁତର ଥିବା କୁହାଯାଇଛି।

# ମା'ତାରିଣୀ କଳାକାର ପରିଷଦର ବାର୍ଷିକୋତ୍ସବ ଉଦ୍‌ଯାପିତ

**ସୋସୋ, ୧୩।୨(ସମିସ):** ହାଟଡିହି ବ୍ଲକ ମା'ତାରିଣୀ କଳାକାର ପରିଷଦର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଏହି ଉତ୍ସବର ପ୍ରଥମ ଦିନରେ ସଂଘର କାର୍ଯ୍ୟାକରୀ ସଭାପତି ଅନାଦି ଚରଣ କବି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ରତ୍ନାକର ଦାସ, ମୁଖ୍ୟବକ୍ତା ବିଶିଷ୍ଟ ପାଲା ଗାୟକ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାସ୍କରଚନ୍ଦ୍ର କର, ଭିକାରି ଚରଣ ଜେନା, ସଂଘର ପ୍ରତିଷ୍ଠାତା ଗାୟକ କେଶରି ବାବାଜି ଚରଣ ଜେନା ଯୋଗ ଦେଇଥିଲେ। କେଶରୀ ବାବାଜି ଚରଣ ଜେନା, ଗାୟକ କିଶୋରଚନ୍ଦ୍ର ମହାନ୍ତି, ଗାୟିକା ସନ୍ଧ୍ୟାରାଣୀ ପଣ୍ଡା, ଗାୟିକା ରତ୍ନପ୍ରଭା ରାଉତ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ସଭାରେ ଗୌରାଙ୍ଗ ଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ହାଟଡିହି ବିଡିଓ ରଞ୍ଜନ ପରିଡା, ସମ୍ମାନିତ ଅତିଥି ସରପଞ୍ଚ ସୁମିତ୍ରା ଜେନା, ମରେଇଗାଁ ସମବା ସମିତି ସମ୍ପାଦକ ଶରତ ସେଠୀ, ଜିଲ୍ଲା ପାଲା ଗାୟକ ସଂଘର ସମ୍ପାଦକ ସୁଶାନ୍ତ ନାଥ, ଗାୟକ ସନାତନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଗାୟକ ଶଙ୍କର୍ଷଣ ମିଶ୍ର, ରତ୍ନପ୍ରଭା ରାଉତ, କୁମୁଦିନି ପଣ୍ଡା ପାଲା ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀ କବି, ସମ୍ପାଦକ ରୋହିତ ପୃଷ୍ଟି, ବାମନ ଜେନା, ନଟବର ଜେନା, ବିନୋଦ ବିହାରୀ ବେହେରା, ପ୍ରଫୁଲ୍ଲ ବେହେରା, ଶରତ ବାରିକ, କାର୍ତ୍ତିକ ବେହେରା, ଗୋପୀନାଥ ଦ୍ୱିବେଦୀ, ନାରାୟଣ ଜେନା ସହଯୋଗ କରିଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ତେଲକୋଇ, ୧୩।୨(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବୁଧବାର ଦିନ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ମଣ୍ଡି ଉଦଘାଟନ ସମାରୋହରେ ସେବକ ଅନୁଷ୍ଠାନ ଓ ଛେଦଲଗନ୍ କୃଷକ ସଙ୍ଗଠନ ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସଲେଇକେନା ପଞ୍ଚାୟତର ସରପଞ୍ଚ ପାଙ୍ଗେଲା ମୁଣ୍ଡା, ବ୍ଲକ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ଜିଲ୍ଲା ସଂଯୋଜକ ସମୀର ଦାସ ଅନ୍ତର୍ଭୁକ୍ତ ରହିଥିଲେ। ଏହି ମାଣ୍ଡିଆ ମଣ୍ଡି ଉଦଘାଟିତ ଅବସରରେ ଅଞ୍ଚଳର ବହୁ ଚାଷୀ ମାଣ୍ଡିଆ ମଣ୍ଡିକୁ ବିକ୍ରୟ ପାଇଁ ଆଣିଥିଲେ। ଏହି କାର୍ଯ୍ୟକ୍ରମକୁ ସେବକ ଅନୁଷ୍ଠାନର କର୍ମକର୍ତ୍ତା ଙ୍କ ଉପସ୍ଥିତିରେ କାର୍ଯ୍ୟକ୍ଷମ କରଯାଇଥିବା ବେଳେ ବ୍ଲକ ସଂଯୋଜକ ଦିବ୍ୟା ସୋରେନ ଓ ଅତିରିକ୍ତ ସଂଯାଜକ ପ୍ରିୟଦର୍ଶୀ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାରପ୍ରାପ୍ତ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

**ହାଟଡ଼ିହୀ,୧୩।୨(ସମିସ):** ନନ୍ଦିପଦା ଥାନା ଭାରପ୍ରାପ୍ତ ଥାନାଧିକାରୀ ଆଇପିଏସ ରାକେଶ କୁମାର ସାହୁ ଯୋଗଦାନ କରିବା ପରେ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ଥାନା ଅଧିକାରୀ ଶ୍ରୀ ସାହୁଙ୍କ ନିକଟକୁ ଓଡିଶା ମୋଟର ଚାଳକ ସଙ୍ଘ ଛେନାପଦି ଶାଖା ପକ୍ଷରୁ ଏକ ପ୍ରତିନିଧିଦଳ ଆସି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାସହ ଅତିରିକ୍ତ ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶାଖା ସଭାପତି ପ୍ରମୋଦ ବିଶ୍ୱାଳ, ଉପସଭାପତି ପର୍ଶୁରାମ ନାୟକ, ମୁଖ୍ୟ କାର୍ଯ୍ୟକର୍ତ୍ତା ଅକ୍ଷୟ ଜେନା ଓ ସଦସ୍ୟ ନିତ୍ୟାନନ୍ଦ ନାୟକ, ପ୍ରମୋଦ ବେହେରା, ଶଶିକାନ୍ତ ପ୍ରଧାନ, ରଞ୍ଜନ ବାରିକ, ବଟ, ଭୀମ, ଦୀପକ, ଠେସା, ଲାଲଟୁ, କାହ୍ନୁ ପ୍ରମୁଖ ଉପସ୍ଥିତ ଥିଲେ।

# ମରେଇଗାଁ ବଜାରରେ ଅଷ୍ଟପ୍ରହରୀ

**ସୋସୋ, ୧୩।୨(ସମିସ):** ମରେଇଗାଁ ବଜାରରେ ବାବୁ ଫର୍ଣ୍ଣିଚର ପ୍ରୋପାଇଟର ଜଗବନ୍ଧୁ ସାହୁଙ୍କ ବାସଭବନ ସମ୍ମୁଖରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ସାହୁ କର୍ତ୍ତା ଥିବାବେଳେ ମହେଶ ସାହୁ, ନିତ୍ୟା ସାହୁ, ସତ୍ୟ ସାହୁ, ରଘୁ ସାହୁ, ଜୟ ସାହୁ, ରମ୍ମୁ, ପଦଲା ସାହୁ ପୂଜାରେ ସାମିଲ ହୋଇଥିଲେ। ପଣ୍ଡିତ ଲିଙ୍ଗ ମିଶ୍ର ପୂଜାପାଠ କରିଥିଲେ। ବହୁ କୀର୍ତ୍ତନ ଦଳ ନାମ କରିଥିବାବେଳେ ପ୍ରସାଦ ସେବନ କରାଯାଇଥିଲା। ଗୁରୁବାର ଠାକୁରଙ୍କୁ ଧରି ବଜାରରେ ନଗର ପରିକ୍ରମା କରାଯାଇଥିଲା।

## ଦୋକାନରୁ ୨୫ ଲକ୍ଷର ମୋବାଇଲ ଚୋରି ଘଟଣା

# ତଦନ୍ତର ବାଟ ପାଉନି ଚମ୍ପୁଆ ପୁଲିସ

**ଚମ୍ପୁଆ ୧୩।୨(ସମିସ)**

ଚମ୍ପୁଆ ସଦର ଥାନାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ମୁଖ୍ୟ ବଜାରରେ ରାଜ ଏଣ୍ଡ ରାଜ ମୋବାଇଲ ଦୋକାନରୁ ୨ ମାସ ତଳେ ଚୋରି ହୋଇଥିବା ୨୫ ଲକ୍ଷ ଟଙ୍କାର ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀର ସୁରାକ ପାଇପାରୁନି ପୁଲିସ। ସିସିଟିଭି ଫୁଟେଜ ମିଳିଥିଲେ ହେଁ ପୁଲିସର ନିଷ୍କ୍ରିୟତା ହେଉ କି ରାତ୍ରକାଳିନ ପାଟ୍ରୋଲିଙ୍ଗର ଢିଲା ବ୍ୟବସ୍ଥା; ଏସବୁ ଚୋରମାନଙ୍କ ମନୋବଳ ବୃଦ୍ଧି କରୁଥିବା ଅଭିଯୋଗ ହେଉଛି।

ଚମ୍ପୁଆ ପୁଲିସ କେସ ନମ୍ବର ୩୧୮/୨୪ ରୁଜୁ କରି ସାଇଣ୍ଟିଫିକ୍ ଟିମର ସହାୟତା ନେଇଛି। ବିଭିନ୍ନ ସିସିଟିଭି ଫୁଟେଜକୁ ତର୍ଜମା କରି ତଦନ୍ତ ଚଳାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀ ଜବତ କରିବାରେ ବିଫଳ ହୋଇଛି ପୁଲିସ। ସୂଚନା ଅନୁସାରେ, ଦିଲ୍ଲୀପ କୁମାର ରାଜ ଗତ ଡିସେମ୍ବର ୧୨ ତାରିଖ ୯ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଦୋକାନ ସଟର କଟା ହୋଇଥିଲା ଏବଂ ଭିତରେ ସବୁ କିଛି ସଫା ହୋଇଯାଇଥିଲା। ଏପରିକି ଦୋକାନ ନିକଟରେ ଥିବା ସର୍ବସାଧାରଣ ସିଡିରେ ଚୋରି ହୋଇଥିବା ମୋବାଇଲଗୁଡିକର ଖୋଳ ପଡିଥିବା ଦେଖିଥିଲେ। ୧୪୯ଟି ସ୍ମାର୍ଟ ମୋବାଇଲ ଯାହାର ଅନୁମାନ ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ଚୋରମାନେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ

**୬୦ ମୋବାଇଲ ସକ୍ରିୟ ଥିଲେ ବି ଅନ୍ଧାରରେ ବାଡ଼ି ବୁଲାଉଛି**




ପଲିଥିନ୍ ଘୋଡାଇ ଚୋରି କରିବା ସହିତ ଦୋକାନ ଭିତରେ ଥିବା ହାର୍ଡଡିସ୍କ ମଧ ନେଇଯାଇଥିଲେ। ରାତିରେ ବାଇକରେ ଆସି ଚୋର ୩ଘଣ୍ଟାରୁ ଅଧିକ ସମୟ ଧରି ଚୋରି କରିଥିଲେ। ମୋବାଇଲ କମ୍ପାନି ସୂଚନା ଅନୁସାରେ ୬୦ରୁ ଅଧିକ ମୋବାଇଲ ଆକଟିଭସେନ ହୋଇସାରିଲାଣି ମାତ୍ର ପୁଲିସର କହିବାନୁସାରେ ଆକଟିଭେସନ ନେଇ କୌଣସି ଡାଟା ମିଳିପାରୁନାହିଁ। ବିଦେଶକୁ ପଳେଇଥିବା ଅନୁମାନ କରୁଛି କହି ହାତ ବାନ୍ଧି ବସିଛି। ମାତ୍ର ଦୋକାନି ମୋବାଇଲ ଆକିଟିଭେସନର ତଥ୍ୟ ଦେଲାପରେ ବି ପୁଲିସ ନାଚାର। ତଦନ୍ତ ଚାଲିଛି କହି ତଦନ୍ତକାରୀ ଅଧିକାରୀ ଭଜମନ ସାହୁ ମାଲିକଙ୍କୁ ଆଶ୍ୱାସନା ଦେଇ ଚାଲିଥିବା ବେଳେ କେବେ ଓ କେଉଁ ପରିସ୍ଥିତିରେ ସେ ତାଙ୍କର ଚୋରି ହୋଇଯାଇଥିବା ମୋବାଇଲ ଫେରି ପାଇବେ ସେ ନେଇ ସନ୍ଦିହାନ ହୋଇପଡିଛନ୍ତି। ଏ ଦିଗରେ ପୁଲିସ ବିଭାଗ କେବେ ସଫଳତା ପାଇବ ତାକୁ ଅପେକ୍ଷା ରହିଛି।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ






**କେନ୍ଦୁଝର/ତେଲକୋଇ, ୧୩।୨(ସମିସ):** ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ମହିଳା ଆୟୋଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନାରୀ ନିର୍ଯାତନା, ହିଂସା, ନାରୀଙ୍କ ଅଧିକାର ସୁରକ୍ଷା ନେଇ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସାଂସଦଙ୍କ ପ୍ରତିନିଧି ଯଶସ୍ୱିନୀ ବଳ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଉପଅରକ୍ଷୀ ଅଧିକାରୀ ଗୁରୁବାରୀ ହେମ୍ବ୍ରମ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ, ବରିଷ୍ଠ ଆଇନଜୀବୀ ପ୍ରତିଭା ମିଶ୍ର ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଆଶା, ଅଙ୍ଗନବାଡି, ସ୍ୱୟଂସହାୟକ ମହିଳା, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତିରାଜ ପ୍ରତିନିଧି, ସଖିସହେଲି, କଲେଜ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ତେଲକୋଇ ବ୍ଲକ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଶିଶୁ ବିକାଶ ଓ ପ୍ରକଳ୍ପ ଅଧିକାରିଣୀ ସୀମା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକ, ସମ୍ମାନିତ ଅତିଥି ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ଏସଡବ୍ଲ୍ୟୁ ସ୍ନେହଲତା ସାହୁ ଏବଂ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷକ ଡାଲସାର ଅକ୍ଷୟ କୁମାର ଚକ୍ର ଓ ଚାରିଗଡ଼ ମହାବିଦ୍ୟାଳୟର ଅଧାପିକା ମୋନାଲିଜା ପ୍ରଧାନ ସମାଜରେ ମହିଳା ତଥା ବାଳିକାଙ୍କ କ୍ଷେତ୍ରରେ ନିର୍ଯାତନାର ପ୍ରାସଂଗିକତା ଏବଂ ଏହାର ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିଶୁ ବିକାଶ ଓ ପ୍ରକଳ୍ପ କର୍ମଚାରୀ ସହଯୋଗ କରିଥିବା ବେଳେ ମିଲେଟ ମିଶନର ମାଣ୍ଡିଆରେ ଖାଦ୍ୟ ତିଆରି ପରସା ଯାଇଥିଲା।

# ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ

**ବେଲବାହାଲି, ୧୩।୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ବରମୂଳ ସାହିରେ ରାଧାକୃଷ୍ଣ ପୂଜା ପାଇଁ ବୁଧବାର ସନ୍ଧ୍ୟାରେ ମାଟି ଅନୁକୂଳ ହୋଇଯାଇଛି। ଗ୍ରାମ ଦେବତୀ ମା' କୁଣ୍ଡୁଳାଇ ପୀଠରୁ ପୂଜା କରି ମାଟି ଅନୁକୂଳ କରାଯାଇଥିଲା। ପୂଜକ କାଠି ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କମିଟିର ମୁଖ୍ୟ ହାଡିବନ୍ଧୁ ନାହକ କର୍ତ୍ତା ଥିଲେ। ହୋମଯଜ୍ଞ, ଘଣ୍ଟ, ନାମ ସଙ୍କୀର୍ତ୍ତନ ଓ ହୁଳହୁଳି ଦେଇ ପୂଜା କରିବା ପରେ ମାଟି ଅନୁକୂଳ କରାଯାଇଥିଲା। ଦୀର୍ଘ ୨୫ ହେଲା ଦୋଳ ପୂର୍ଣ୍ଣିମାରେ ଗୋଉଡ଼ମାନେ ଏହି ପୂଜା କରିବା ସହ ବାଡ଼ି ଖେଳ ଖେଳିଥାନ୍ତି। ଚଳିତବର୍ଷ ୫ ଦିନ ଧରି ବହୁ ଧୂମଧାମରେ ପୂଜା ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି। ପୂର୍ଣ୍ଣଚନ୍ଦ୍ର ନାହକ, ଦଧିଆ ନାହକ, ଶରତ ନାହକ, ସନ୍ତୋଷ ନାହକ, ମଙ୍ଗୁଲୁ ନାହକ, ଚତୁର୍ଭୁଜ ଦାସ, ଧନୁ ନାହକ, ପ୍ରଦ୍ୟୁମ୍ନ ନାହକ ସହଯୋଗ କରୁଛନ୍ତି।

# ହେଲିକ୍ୟାପ୍ଟର ଚର୍ଚ୍ଚା

**ସୋସୋ, ୧୩।୨(ସମିସ):** ହାଟଡିହି ବ୍ଲକର ବଉଳା ତଥା ହାଟଡିହି ଅଞ୍ଚଳରେ ଦୁଇ ଦିନ ଧରି ଏକ ହେଲିକ୍ୟାପ୍ଟର ବହୁ ତଳେ ଉଡୁଥିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେହି ହେଲିକ୍ୟାପ୍ଟରରେ ଏକ କ୍ୟାମେରା ତାରରେ ଓଳାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ କିଛି ଲୋକ ସର୍ଭେ କରାଯାଉଥିବା କୁହାଯାଉଥିବା ବେଳେ ଆଉ କିଛି ସରକାରଙ୍କ କାର୍ଯ୍ୟକ୍ରମ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।



# ମରେଇଗାଁ ସ୍କୁଲର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ



**ସୋସୋ, ୧୩।୨(ସମିସ):** ହାଟଡିହି ବ୍ଲକ ମରେଇଗାଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣୀ ଉତ୍ସବ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଅଧିକାରୀ ଡ. ରଶ୍ମିରଞ୍ଜନ ନାୟକ, ସ୍ୱତନ୍ତ୍ର ଅତିଥି ପୂର୍ବତନ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଏବିଇଓ ପ୍ରମୋଦ ନାୟକ, ସମ୍ମାନିତଅତିଥି ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ସଦାଶିବ ନାୟକ, ସିଆରସି ସୁମନ୍ତ ନାୟକ, ଓଷ୍ଟା ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ଶରତ ସେଠୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଭୟାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିବସୁନ୍ଦର ସାହୁ ବିବରଣୀ ପାଠ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗର ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ପିଣ୍ଟୁକୁମାର ଦାସ , ଶୁଭମ ସେନାପତି, ତିଳେଶ୍ୱରୀ ନାଏକ, ନରେନ୍ଦ୍ର ପ୍ରଶାଦ ଜେନା, ରିତା ଦାସ, ରଘୁନାଥ ଓଝା, ମେନକା ମଞ୍ଜରୀ ମଲ୍ଲିକ, ଗୀତାରାଣୀ ସେଠୀ, ଦିଗମ୍ବର କୁଅଁର, ରଞ୍ଜନ ପଣ୍ଡା, ଘନଶ୍ୟାମ ସାହୁ, କମିଟି ସଦସ୍ୟ ସହଯୋଗ କରିଥିଲେ।

# ସଙ୍ଗମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ସୋସୋ, ୧୩।୨(ସମିସ):** ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ସଙ୍ଗମ ଗ୍ରାମର ନୃସିଂହ ନାରାୟଣ ୟୁଥ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଚାରିଦିନିଆ ପ୍ରତିଯୋଗିତାର ଫାଇନାଲରେ ରାଜା ଇଲେଭେନ କପୁଣ୍ଡି, କାଉପୁର ଇଲେଭେନକୁ ହରାଇ ଚାମ୍ପିଅନ୍ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ୍ କପୁଣ୍ଡିର ରାକେଶ କୁମାର, ମ୍ୟାନ ଅଫ ସିରିଜ୍ କାଉପୁରର କାଳିଆ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଜେପି ନେତା ଯୁଧିଷ୍ଠିର ମଲ୍ଲିକ ଯୋଗ ଦେଇଥିଲେ। କ୍ଲବ ସଦସ୍ୟ ଓ କର୍ମକର୍ତ୍ତା ସୁବାସ, ପପୁ, ଚିନୁ, ପପୁନ, ମୁନା, ସିପୁନ, ବାପି, ଗଣେଶ, ଗୁନୁ, ଆଲୋକ, ଗଗନ, ଶୁଭମ, ତପୁନ, ଜୀବନ, ସୁଦର୍ଶନ, ସୋମନାଥ, ପ୍ରଭାତ, କାଳିଆ ସହଯୋଗ କରିଥିଲେ।



## ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗର ୮ ମାସ ବିତିଲା

# ନ୍ୟାୟ ପାଇଲେନି ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର

**ଆନନ୍ଦପୁର, ୧୩।୨(ସମିସ)**

ରାଜ୍ୟରେ ନୂଆ ସରକାର ଗଠନ ପରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଜୋରଦାର ହୋଇଥିଲେ ମଧ୍ୟ ଅଭିଯୋଗକାରୀ ନ୍ୟାୟ ପାଉ ନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ସରକାରଙ୍କ ପ୍ରଥମ ଅଭିଯୋଗ ଶୁଣାଣିକୁ ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ପ୍ରଥମ ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ହୋଇପାରି ନଥିବା ଅଭିଯୋଗ ହୋଇଛି। ସରକାରୀ ହିସାବରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ୮୦ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା କୁହାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଅଭିଯୋଗ ଶୁଣାଣିର ପ୍ରଥମ ଅଭିଯୋଗ ଆନନ୍ଦପୁରର ଭିନ୍ନକ୍ଷମ ଓ ଭୂମିହୀନ ହୋଇଥିବାରୁ ଜମିପଟ୍ଟା ଓ ଗୃହ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ସେ ବହୁବାର ବିଭିନ୍ନ ସରକାରୀ ପଦାଧିକାରୀ ଓ ବିଭିନ୍ନ ଦପ୍ତରୀରେ ଅଭିଯୋଗ କରିଥିଲେ ମଧ୍ୟ ଜମି ଓ ଗୃହ ପାଇ ନଥିବା ଜଣାଯାଇଛି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇ ନୂତନ ଭାବେ ବିଜେପି କ୍ଷମତାକୁ ଆସିବା ପରେ ସମସ୍ୟା ସମାଧାନର ଆଶାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଅଭିଯୋଗ ଶୁଣାଣିରେ ହାଜର ହୋଇ ନିଜର ଗୁହାରି କରିଥିଲେ। ଗତ ୨୦୨୪ ଜୁଲାଇ ୧ ତାରିଖରେ ନୂତନ ସରକାରଙ୍କ ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଯୋଗ ପ୍ରକୋଷ୍ଠରେ ଲୋକମାନଙ୍କର ବିଭିନ୍ନ ସମସ୍ୟା ବୁଝିଥିଲେ। ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ସମସ୍ୟା କିପରି ଖୁବ୍ ଶୀଘ୍ର ସମାଧାନ ହେବ ହେବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ସ୍ୱରୂପ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଦିନ ସିଧାସଳଖ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରୁ ପ୍ରଥମ ଅଭିଯୋଗ ଭାବେ ଆନନ୍ଦପୁର ପୌର ପରିଷଦ ୬ନଂ ଓାର୍ଡ ପାଟକୂଳ ସାହିର ଭିନ୍ନକ୍ଷମ କାର୍ତ୍ତିକେଶ୍ୱର ରାୟଙ୍କ ଅଭିଯୋଗର ଶୁଣାଣି ହୋଇଥିଲା। ଭିନ୍ନକ୍ଷମ କାର୍ତ୍ତିକେଶ୍ୱର ଭୂମିହୀନ ଭାବେ ଦୀର୍ଘ ୧୫ବର୍ଷ ଧରି ଆନନ୍ଦପୁର ପୌର କାର୍ଯ୍ୟାଳୟରେ ନିଜର ଅଭିଯୋଗ ଦାଖଲ କରିବା ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ହାଜର ହୋଇଥିଲେ ବି ତାଙ୍କ ଅଭିଯୋଗକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିଲା।



ଫଳରେ ବାଧହୋଇ ସେ ମୋହନ ସରକାରଙ୍କୁ ସିଧାସଳଖ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗ ଶୁଣିବା ପରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନିକ ସ୍ତରରେ ଘଟଣାରେ ତର୍ଜମା ମଧ୍ୟ କରାଯାଇଥିଲା। ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୬୧/୧୧.୦୭.୨୦୨୪ ଅନୁଯାୟୀ, ସ୍ୱର୍ଗତ ନଟବର ରାୟଙ୍କ ପୁଅ କାର୍ତ୍ତିକେଶ୍ୱର ରାୟ ଭିନ୍ନକ୍ଷମ ଥିବା, ଆନନ୍ଦପୁର ମୌଜା ସରକାରୀ ପ୍ଲଟ୍ ନଂ ୩୧୬୦, କିସମ ପତିତରେ ମାଟିଘର କରି ରହିବା, ତାଙ୍କ ପିତା ନଟବର ରାଏ ଓଗେରଙ୍କ ନାମରେ ଖାତା ନଂ ୩୬୧ରେ ୩୩ ଡେସିମିଲି ଜମି ରହିବା ଏବଂ ୧୯.୭୯ରେ ସରକାରଙ୍କ ତରଫରୁ ଏ.୧.୮୮ଡି. ଜମି ପାଇଥିଲେ ଏବଂ ପରବର୍ତ୍ତୀ ସମୟରେ ସମସ୍ତ ଜମି ବିକ୍ରି କରିଦେଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଆନନ୍ଦପୁର ତହସିଲଦାରଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୯୮/୧୫.୭.୨୦୨୪ ଅନୁସାରେ ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଥିବା ଦର୍ଶାଯାଇଛି। ତେବେ ଘଟଣାକୁ ୮ ମାସ ବିତିଯାଇଥିଲେ ମଧ୍ୟ ବାସହୀନ ଭିନ୍ନକ୍ଷମ କାର୍ତ୍ତିକେଶ୍ୱର ବାସଗୃହ ପାଇବା ପାଇଁ ନେହୁରା ହୋଇଛନ୍ତି।

# ଚମ୍ପୁଆମାଟିକୁ ଚମକାଇଲେ ରେଣୁକା



**ଚମ୍ପୁଆ,୧୩।୨(ସମିସ):** ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଦ୍ୱିତୀୟ ସ୍ଥାପନା ଦିବସ ଅବସରରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ +୩ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ରେଣୁକା ପ୍ରଧାନ ସମ୍ବର୍ଦ୍ଧିତ ହୋଇଛନ୍ତି। ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶୀର୍ଷକ 'ଓଡ଼ିଶାର ଶିକ୍ଷା ପରମ୍ପରା ଓ ନୂତନ ଶିକ୍ଷାନୀତି'ରେ ରେଣୁକା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ ଚାନ୍‌ସେଲର କପ୍ ଜିତି ଚମ୍ପଆ ମାଟିକୁ ଗୌରବାନ୍ୱିତ କରିଛନ୍ତି। ଚମ୍ପୁଆ ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ରାଜେନ୍ଦ୍ର କର, ବରିଷ୍ଠ ଅଧାପକ ସ୍ୱାଧୀନ ସିଂ, ସମାଜସେବୀ ହବି ଦାସଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଆଦି ଭୂୟସୀ ପ୍ରଶଂସା କରିଥିଲେ। ଏହି ସଫଳତା ପଛରେ ରେଣୁକାଙ୍କ ପିତା ପ୍ରଦୀପ ପ୍ରଧାନ ଓ ମାତା ଶୈଳେନ୍ଦ୍ରୀ ପ୍ରଧାନ, ସମସ୍ତ ଅଧାପକ ଅଧାପିକା ତଥା ଓଡ଼ିଆ ବିଭାଗ ଅଧାପକ ଡ. ଗୁପ୍ତେଶ୍ୱର ମାଝୀଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ଅବଧି ଶେଷ ପରେ ବି ସରୁନି କାର୍ଯ୍ୟ

**ରାସ୍ତା ଦୁରବସ୍ଥା ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ**

ଆନନ୍ଦପୁର, ୧୩।୨(ସମିସ)

୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ରାସ୍ତା ଖୁବ୍ କମ୍ ଦିନରେ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୈଳଙ୍ଗରୁ ବ୍ରାହ୍ମଣୀପାଳ ଭାୟା ଖାଲିଆମେଣ୍ଟା ପର୍ଯ୍ୟନ୍ତ ପ୍ରାୟ ୧୪.୮୦୦ କିଲୋମିଟର ରାସ୍ତାକୁ ୨୦ କୋଟି ୪୯ ଲକ୍ଷ ୭୭ ହଜାରର ବ୍ୟୟ ବରାଦ କରାଯାଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ୨୦୨୧-୨୨ ଆର୍ଥିକ ବର୍ଷରେ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ଖର୍ଚ୍ଚ କରିବାର ବ୍ୟବସ୍ଥା ହୋଇଥିବା ବେଳେ ଏହି ରାସ୍ତା ଶୈଳଙ୍ଗ ଗ୍ରାମରୁ ଆରମ୍ଭ ହୋଇ ଭୋଳନୂଆଗାଁ, ଓସ୍ତପୁରା, ଖାଲିଆମେଣ୍ଟା, ମିରିଗିମୁଣ୍ଡି, ପଦନପୁର, ଭଣ୍ଡାରିଡିହା, ତୋରାଣିଆପାଳ, ବସନ୍ତପୁରା, ନାରଙ୍ଗପୁର ଓ କେଶଦୁରାପାଳ ଗ୍ରାମ ପର୍ଯ୍ୟନ୍ତ ସ୍ଥିର ହୋଇଥିଲା। ଏହି ରାସ୍ତା କାର୍ଯ୍ୟ ୭.୯.୨୦୨୩ ରେ ଆରମ୍ଭ ହୋଇଥିଲା; ହେଲେ ଅଦ୍ୟାବଧି ଏହି ରାସ୍ତା ନିର୍ମାଣାଧୀନ ଥିବା ଜଣାଯାଇଛି। ରାସ୍ତା ଅବଧି ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଖଣିଜ ପାଣ୍ଠି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବା ୟୁ.ସି ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ପୂର୍ବରୁ ୬କୋଟି ୧୪ଲକ୍ଷ ୩୧ ହଜାର ୧୦୦ଟଙ୍କା ଏବଂ




୨୦୨୩-୨୪ ଆର୍ଥିକ ବର୍ଷରେ ୧୨ କୋଟି ୧୪ଲକ୍ଷ ୩୧ ହଜାର ୧୦୦ ଟଙ୍କା ଅନୁଦାନ ମିଳିଥିଲା। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୨କୋଟି ୫୦ଲକ୍ଷ ୬୩ ହଜାର ୯୦୦ ଟଙ୍କା ସର୍ବମୋଟ ୧୮ କୋଟି ୬୫ଲକ୍ଷ ୫୭ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ୟୁ.ସିରେ ୩୧.୧.୨୦୨୫ ସୁଦ୍ଧା ୧୬ କୋଟି ୧୭ ଲକ୍ଷ ୨୮ ହଜାର ୧୨୫ ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। ତେବେ ଏତେ ପରିମାଣର ଅର୍ଥ ବ୍ୟୟ ବରାଦରେ ନିର୍ମିତ ହେଉଥିବା ରାସ୍ତାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ସ୍ୱର ଉଠାଇଛନ୍ତି। ଏନେଇ କେତେକ ସଚେତନ ନାଗରିକ ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ଆଲୋଚନାରୁ ଜଣାଯାଇଛି।



- ରାତିଅଧିଆ ବାହାର ଜିଲ୍ଲାକୁ ଟ୍ରିପଟ୍ରିପ୍ ମୋରମ୍, ମାଙ୍କଡ଼ା ପଥର ଚାଲାଣ

# ସବୁଜାଣି ଚୁପ୍ ପ୍ରଶାସନ, କାର୍ଯ୍ୟାନୁଷ୍ଠାନ ଶୁନ୍

ରାମଚନ୍ଦ୍ରପୁର,୧୩।୨(ସମିସ)

ଘସିପୁରା ତହସିଲ ପଟିଲୋ ପନାସିଆ ଅଞ୍ଚଳର ଅନେକ ସଇରାତରୁ ବେଆଇନ ଭାବେ ରାତିଅଧିଆ ଟ୍ରିପ ଟ୍ରିପ ମୋରମ୍ ଏବଂ ମାଙ୍କଡା ପଥର ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ କରି ଚୁପ ବସୁଛି ପ୍ରଶାସନ। ଗ୍ରାମବାସୀଙ୍କ କହିବା କଥା, ପ୍ରଶାସନ ମଧୁଚନ୍ଦ୍ରିକାରେ ଏଭଳି ବେଆଇନ ଚୋରା କାରବାର ଦୀର୍ଘ ଦିନ ଚାଲିଛି। ସେପଟେ ପଟିଲୋ ମାଙ୍କଡ଼ା ସଇରାତଟି ଯାଜପୁର ସୀମାରେ ଥିବାରୁ ମାଫିଆମାନେ ଅନାୟସରେ ଏହାର ଭରପୁର ଫାଇଦା ଉଠାଉଛନ୍ତି। କେନ୍ଦୁଝର ଜିଲ୍ଲା ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି। ରାତିଅଧିଆ ଟ୍ରିପଟ୍ରିପ ମୋରମ୍ ଏବଂ ମାଙ୍କଡା ପଥର ହାଇହ୍ୱା ଏବଂ ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବଡବଡ ଖାଲଖମା ହେବା ସହ ପଟିଲୋ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଅବକ୍ଷୟ ହେବାକୁ ଲାଗିଛି। ସେପଟେ ବୈଧ କାଗଜପତ୍ର ଥାଇ ମୋରମ୍ ଏବଂ ମାଙ୍କଡା ଚାଲାଣ କରାଯାଉଥିବା କୁହାଯାଉଥିବା ବେଳେ ରାତି ଅଧିଆ ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ପ୍ରଶାସନ, ତହସିଲଦାର ଏବଂ ବନ ବିଭାଗ ଏଭଳି ଘଟଣାକୁ ଗୁରୁତର ସହକାରେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।





# ଗଡବନ୍ଧଗୋଡ଼ା ଗଡ଼ନାୟକଙ୍କ ପରଲୋକ

**ଆନନ୍ଦପୁର, ୧୩।୨ (ସମିସ):** ଗଡବାନ୍ଧ ଗୋଡସ ଗ୍ରାମର ଗଡ଼ନାୟକ ପ୍ରତାପ କୁମାର ଚକ୍ରଙ୍କର ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପ୍ରତି ବର୍ଷ ଗାଁରେ ହିନ୍ଦୁ ମୁସଲିମଙ୍କ ଦଶହରା ପର୍ବରେ ଏହି ଗଡ଼ନାୟକ ଦାୟିତ୍ୱ ନିର୍ବାହ କରିଥାନ୍ତି। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଗ୍ରାମ ଗଡନାୟକ ରାମଚନ୍ଦ୍ର ଚକ୍ର, ଆଇନଜୀବୀ ବିଚିତ୍ର କୁମାର ଚକ୍ର, ସ୍ୱୟଂସେବକ ପ୍ରଶାନ୍ତ ଚକ୍ର ଓ ସମାଜସେବୀ ବିଜୟ ଚକ୍ର, ବସନ୍ତ ବଳ ପୂର୍ବତନ ସମିତିସଭ୍ୟ ଭାରତ ଭୂଷଣ ନାୟକ, ସମାଜସେବୀ ବିମଳ ନାୟକ, ନିରାକାର ରାଉତ, ପୂର୍ବତନ ଯବାନ କାର୍ତ୍ତିକେଶ୍ୱର ଚକ୍ର, ସାମାଜିକ କର୍ମୀ ଭିକାରୀ ଚକ୍ର, ସୁରେଶ ଭୂୟାଁ, ଗୌର ଭକ୍ତ ସମରେନ୍ଦ୍ର ଚକ୍ର, ଦିଲ୍ଲୀପ ଚକ୍ର, ସମାଜସେବୀ ଅନିଲ ଚକ୍ର ଓ ସ୍ୱର୍ଗତଙ୍କ ସାନଭାଇ ଯୁବ ଗଡନାୟକ ପ୍ରକାଶ ଚକ୍ରଙ୍କ ସହ ବହୁ ଶୁଭେଚ୍ଛୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଯୁବକଙ୍କ ଅକାଳ ମୃତ୍ୟୁ

**ରାମଚନ୍ଦ୍ରପୁର,୧୩।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗ୍ରାମର ଶିକ୍ଷକ ମିହିର ରଞ୍ଜନ ସ୍ୱାଇଁଙ୍କ ଏକମାତ୍ର ପୁଅ ଶୁଭଙ୍କର ସ୍ୱାଇଁ (ଗୁଡୁଲୁ, ୨୮ ବର୍ଷ)ଙ୍କର ଗତ ମଙ୍ଗଳବାର ସଂଧ୍ୟା ୭ଟା ସମୟରେ ହୃଦଘାତରେ ପରଲୋକ ଘଟିଛି। ଶୁଭଙ୍କର ଜନ୍ମରୁ ଥାଲାସେମିଆ ରୋଗରେ ପୀଡ଼ିତ ଥାଇ ଦୀର୍ଘ ଦିନ ହେଲା ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ମିଷ୍ଟଭାଷୀ ଅମାୟିକ ତଥା ଆଧ୍ୟାତ୍ମିକବାଦୀ ଯୁବକ ଥିଲେ। ଗ୍ରାମର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ସାଙ୍ଗସାଥୀ ତାଙ୍କ ବାସଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହ ପିତାମାତାଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି।



# ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ପାଇଁ ଭାରୀଯାନ ଚଳାଚଳ କଟକଣା

**କେନ୍ଦୁଝର, ୧୩।୨(ସମିସ):** ଆଗାମୀ ଯୁକ୍ତ ୨ ଓ ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣିଜ ବୋଝେଇ ଭାରୀଯାନ ଏବଂ ଖାଲି ଭାରୀଯାନଗୁଡ଼ିକୁ ବିଭିନ୍ନ ରାସ୍ତାରେ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଜିଲ୍ଲାପାଳ, ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆଞ୍ଚଳିକ ପରିବହନ ବିଭାଗର ଅଧ୍ୟକ୍ଷ ବିଶାଲ ସିଂ ସେକ୍ୱନ ୧୧୫ ମୋଟର ଯାନ ଆଇନ ୧୯୮୮ ଅନୁସାରେ ପତ୍ର ସଂଖ୍ୟା ୭୮୧-୧୩.୦୨.୨୦୨୫ରେ ଏହି କଟକଣା ଜାରି କରିଛନ୍ତି। କଟକଣା ଅନୁସାରେ, ଯୁକ୍ତ ୨ ପରୀକ୍ଷା ପାଇଁ ଫେବୃଆରୀ ୧୮ରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ସେହିପରି ମାଟ୍ରିକ୍ ପରୀକ୍ଷା ପାଇଁ ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯିବ। ଏହି କଟକଣା ସମୟରେ ଫେବୃଆରୀ ୧୮ରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ସକାଳ ୫ରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା କରିବା ଏବଂ ପରୀକ୍ଷାର୍ଥୀ ଓ ନୋଡାଲ ଅଫିସରଙ୍କ ସୁଗମ ଗମନାଗମନ ପାଇଁ କଟକଣା ଜାରି କରାଯାଇଛି। ବିଶେଷ କରି ଶୁଆକାଟୀ ଖଣି ଅଞ୍ଚଳରୁ କେନ୍ଦୁଝର ସହର ପର୍ଯ୍ୟନ୍ତ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରାଯାଇଥିବାବେଳେ ଯୋଡା ବ୍ଲକର ବିଲେଇପଦାଠାରୁ ବଡବିଲ, ବିଲେଇପଦାଠାରୁ ବାମେବାରୀ, ବସନ୍ତପୁର ଅଞ୍ଚଳରେ ଏହି କଟକଣା କଡାକଡି ଭାବେ ପାଳନ କରାଯିବ।

# ଖଲଣାରେ ଶ୍ରୀନୀଳମାଧବଙ୍କ ବାର୍ଷିକ ପୂଜା

**ଆନନ୍ଦପୁର, ୧୩।୨(ସମିସ):** ଖଲଣା ଗ୍ରାମର ଶ୍ରୀନୀଳମାଧବଙ୍କ ୧୭ତମ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପୂର୍ଣ୍ଣିମା ତିଥିରେ ଗ୍ରାମର ନେଉଳା ପୁଷ୍କରିଣୀରୁ ବ୍ରତଧାରୀମାନେ କଳସ ବୁଡ଼ାଇ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ପୂଜକ ଅମୂଲ୍ୟ ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ। ବିଜୟ ସାହୁ, ମଞ୍ଜୁଲତା ସାହୁ କର୍ତ୍ତା ଥିଲେ। ସଂଧ୍ୟାରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ନୀଳମାଧବଙ୍କ ପୂଜା ତିନିଦିନ ଧରି ଅନୁଷ୍ଠିତ ହେବା ନେଇ କମିଟି ସଭାପତି ଇନ୍ଦ୍ରଜିତ ସା କହିଛନ୍ତି। ଗ୍ରାମର କୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମରେ ଆନନ୍ଦମୟ ଭକ୍ତିମୟ ଶାନ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଛି। ସମସ୍ତ ଶ୍ରଦ୍ଧାଳଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। କମିଟିର ସଦସ୍ୟ ସପ୍ନେଶ୍ୱର୍ ସାହୁ, ଟୁଟୁ ରାଉତ, ଖୋକନ ବେହେରା, ଭୋଳାନାଥ ସାଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।



# ଗାଡ଼ି ଧକ୍କାରେ ମହିଳା ମୃତ, ୨ ଗୁରୁତର

ଆନନ୍ଦପୁର, ୧୩।୨ (ସମିସ): ରାଜ୍ୟ ରାଜପଥ ୫୩ର ଆମ୍ବଗଡ଼ିଆ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଚାଲି ଚାଲି ଯାଉଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଆମ୍ବଗଡିଆ ଗାଁର ସାଧବା ଜେନା। ସାଧବା ଓ ତାଙ୍କ ସାଙ୍ଗରେ ଅନ୍ୟ ଜଣେ ମହିଳା ଗାଁ ଛକ ପାରି ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣାରେ ସାଧବାଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ମହିଳା ଜଣକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହି ସମୟରେ ବାଇକରେ ଯାଉଥିବା ଜଣେ ବ୍ୟକ୍ତି ମଧ୍ୟ ସେହି ଗାଡ଼ି ଧକ୍କାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଦୁର୍ଘଟଣାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ, ୩ ଗୁରୁତର

**ତୁରୁମୁଙ୍ଗା, ୧୩।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣି ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ରାତି ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଆଉ ତିନି ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଉଛନ୍ତି ସାହାରପଡ଼ା ବ୍ଲକ ରସପଡ଼ା ଗ୍ରାମର ସାଇରାମ ମହାନ୍ତ (୫୯)। ସେ ସାହାରପଡା ବ୍ଲକ କୁଦାବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ। ଗୁରୁତର ୩ ଜଣ ହେଲେ ପାଟଣା ବ୍ଲକ ଡିଆନଳି ଗ୍ରାମର ମିଥୁନ ମୁଣ୍ଡା (୧୯), ଢେଙ୍କାନାଳ ଜିଲ୍ଲା ଘାଘରାମୁଣ୍ଡା ଗ୍ରାମର ଶୁକ୍ରାମ କୁଙ୍କାଳ (୧୮) ଓ ଯାଜପୁର ଜିଲ୍ଲା ଡୁବୁରୀର ଗୁଣ ମୁଣ୍ଡା (୧୭)। ସାଇରାମ ପାଟଣା ବଜାରରୁ ଘରକୁ ଯାଉଥିବା ବେଳେ ଗୁରୁତର ୩ ଜଣ ଖଜୁରୀ ଡିହା ପାର୍ଶ୍ୱରୁ ଆସୁଥିଲେ।

# କାଞ୍ଜିପାଣି ଥାନାଞ୍ଚଳରେ ଗଞ୍ଜେଇ ଚାଷ; ମିଳିତ ଚଢ଼ଉ

କେନ୍ଦୁଝର, ୧୩।୨(ସମିସ): କେନ୍ଦୁଝର ଜିଲ୍ଲାର କାଞ୍ଜିପାଣି ଥାନା ଅନ୍ତର୍ଗତ ବାଂଶପାଳ ବ୍ଲକର କେତେକ ଅଗମ୍ୟ ଅଞ୍ଚଳରେ ଲୁକ୍କାୟିତ ଭାବେ ଗଞ୍ଜେଇ ଚାଷ ଚାଲିଛି। ଏ ସଂକ୍ରାନ୍ତରେ ଗୁଇନ୍ଦା ତଥ୍ୟ ଆଧାରରେ ଗୁରୁବାର ପୁଲିସ ଓ ଅବକାରୀ ବିଭାଗର ମିଳିତ ସ୍କ୍ୱାଡ୍ ଚଢ଼ଉ କରିଥିବା ଏକ ସୂତ୍ରରୁ ଜଣାପଡିଛି। ଚଢ଼ଉରେ ଗଞ୍ଜେଇ ଫସଲକୁ ସ୍କ୍ୱାଡ୍ ନଷ୍ଟ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ଚାଲିଥିବା ସୂଚନା ମିଳିଛି। ତେବେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ଏହି ଗଞ୍ଜେଇ ଚାଷ ହୋଇଥିଲା ଏବଂ ପ୍ରଶାସନର ଏହି ଚଢ଼ଉରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ତଦନ୍ତ ଚାଲିଥିବା ଦୃଷ୍ଟିରୁ ପୁଲିସ ସୂତ୍ରରୁ ସୂଚନା ମିଳିପାରି ନାହିଁ।

# ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**କେନ୍ଦୁଝର, ୧୩।୨(ସମିସ):** କେନ୍ଦୁଝର ପୁଲିସ ମୁଖ୍ୟାଳୟରେ ଥିବା ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳ ବଦଳ ହୋଇଛି। କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ସଂଖ୍ୟା ୭୦/ସିଓଏନ୍-୧୨/୨/୨୦୨୫ ଜରିଆରେ ଏହି ବଦଳି କରାଯାଇଛି। ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ମାନସ କୁମାର ବାରିକଙ୍କର ଘସିପୁରା ଥାନାକୁ ବଦଳି ହୋଇଛି। ସେହିପରି ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କର ବଡବିଲ ଥାନା, ଇନସ୍ପେକ୍ଟର ଝସକେତନ ଭୋଇଙ୍କର ବାମେବାରୀ ଥାନାକୁ ବଦଳି ହୋଇଛି। ଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନଙ୍କର ଯୋଡା ଥାନା, ଇନ୍ସପେକ୍ଟର ରଞ୍ଜୁ ହାସିନୀ କୁଲୁଙ୍କର ବାରିଆ ଥାନା, ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାମଲଙ୍କର ଘଟଗାଁ ଥାନାକୁ ବଦଳି ହୋଇଛି। ଇନ୍ସପେକ୍ଟର ରବିଶଙ୍କର ଭୋଇସାଲଙ୍କର ନୟାକୋଟ ଥାନା ଓ ଇନ୍ସପେକ୍ଟର ଲବ ବୋଦାଙ୍କର ବଲାଣୀ ଥାନାକୁ ବଦଳି ହୋଇଛି। ଅନ୍ୟପକ୍ଷରେ, ବଡବିଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ରମାକାନ୍ତ ମୁଦୁଲି ଓ ଘଟଗାଁ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଶୁଭ୍ରନ୍ତ ଜେନାଙ୍କର ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ଏହି ଅଧିକାରୀମାନେ ତୁରନ୍ତ ନିଜର ନୂତନ ନିଯୁକ୍ତି ସ୍ଥାନଗୁଡିକରେ ଯୋଗ ଦେବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

# ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର/ବେଲବାହାଲି, ୧୩।୨(ସମିସ):** ଟୁକୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟଠାରେ ଶାସ୍ତ୍ରୀ (+୩) ଶେଷ ବର୍ଷରେ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଂଜନ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷା ଡ. ଇନ୍ଦିରା ଶୁଭଦର୍ଶିନୀ ଚକ୍ର ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଡ. ଗୋପୀନାଥ ପଣ୍ଡା, ସୁଦର୍ଶନ ସାହୁ, ଡ. ଭୋଳେଶ୍ୱର ପ୍ରଧାନ, ନବକୁମାର ପଣ୍ଡା, ଯଦୁମଣୀ ମିଶ୍ର ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଆଶୀର୍ବଚନ ପ୍ରଦାନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଦୁଇଦିନିଆ କୃଷକ ଶିବିର

**ରାମଚନ୍ଦ୍ରପୁର,୧୩।୨(ସମିସ):** ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଜନାର୍ଦ୍ଦନପୁର ପାଟଣା ଗ୍ରାମରେ କେନ୍ଦୁଝର ଜିଲ୍ଲା କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଦୁଇଦିନିଆ ଅଣଆବାସିକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୨ ଜଣ କୃଷକଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରରେ ଘସିପୁରା ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକ, ଆନନ୍ଦପୁର ବ୍ଲକ କୃଷି ଅଧିକାରୀ ଜୟନ୍ତ ଦାସ, ଘସିପୁରା ସହକାରୀ କୃଷି ଅଧିକାରୀ ମାନସରଂଜନ ସାମଲ, ଏଟିଏମ୍ ସୁବ୍ରତ ଜେନା, ଓପିକ୍ରାର ଦୟାନିଧି ବେହେରା, ଭିଏଡବ୍ଲୁ ଆନିସିଂ ଦଣ୍ଡପାଟ ଜଳବାୟୁ ପରିବର୍ତ୍ତନରେ ସ୍ଥିର ଫସଲର ପରିଚାଳନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିବର୍ତ୍ତିତ ଜଳବାୟୁକୁ ଖାପ ଖୁଆଇ ଭଲ ଉତ୍ପାଦନ ହେଉଥିବା ରବି ଫସଲ ଉପରେ ବିଶେଷ ଭାବେ ଆଲୋକପାତ କରାଯିବା ସହ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଗ୍ରାମର ଅଗ୍ରଣୀ ଚାଷୀ ଭାଗୀରଥି ରାଉତ, କାର୍ତ୍ତିକ ସ୍ୱାଇଁ, ସୁରେଶ ରାଉତ, ପ୍ରକାଶ ରାଉତ, ଦୁର୍ଯ୍ୟୋଧନ ସେଠୀ, ପାକୁଆ ସେଠୀ, କ୍ଷମାକର ରାଉତ, ବୈଲୋଚନ ସ୍ୱାଇଁ, ମହିଳା ଚାଷୀ ଜୟଶ୍ରୀ ରାଉତ, ପ୍ରଭାତୀ ରାଉତ, ଶର୍ମିଷ୍ଠା ରାଉତ, ଶଶିଭୂଷଣ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଏନ୍‌ଏଚ୍‌ଆଇ ଠିକା କର୍ମଚାରୀଙ୍କ ଧାରଣା




**ତୁରୁମୁଙ୍ଗା, ୧୩।୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ରେ ଦୁର୍ଘଟଣାଜନିତ ଜରୁରିକାଳୀନ ସେବା ଯୋଗାଉଥିବା ଏନଏଚଆଇର ଠିକା କର୍ମଚାରୀଙ୍କ ଆନ୍ଦୋଳନ ଚାଲିଛି। ସେମାନେ ବିଭିନ୍ନ ଦାବିନେଇ ଗୁରୁବାର ସକାଳୁ ଖିରେଇଟାଙ୍ଗିରୀ ଟୋଲ ପ୍ଲାଜା ନିକଟରେ ଧାରଣା ଦେଇଛନ୍ତି। ବର୍ଦ୍ଧିତ ଦରମା, ଠିକ ସମୟରେ ଦରମା ପ୍ରଦାନ, ସୁରକ୍ଷା ପାଇଁ ଉପକରଣ, କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନିତ ସୁରକ୍ଷା ବୀମା ସହ ବିଭିନ୍ନ ଦାବିରେ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଏହି ଧାରଣା ଫଳରେ ଜାତୀୟ ରାଜପଥରେ ଦୁର୍ଘଟଣାଜନିତ ସେବା ଠପ୍ ହୋଇ ପଡିଛି।

**୫ମ ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ଫୁଟ୍‌ବଲ**

# ସମ୍ବଲପୁରକୁ ହରାଇଲା ଭୁବନେଶ୍ୱର

ଆନନ୍ଦପୁର, ୧୩।୨(ସମିସ)

ଆନନ୍ଦପୁର ଷ୍ଟାଡିୟମ ପଡିଆରେ ପଞ୍ଚମ ରାଜ୍ୟସ୍ତରୀୟ କୁଶ ରଂଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ମ୍ୟାଚ୍ ଚତୁର୍ଥ ଦିନର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ହରାଇ ୟୁନିଟ୍-୬ ଭୁବନେଶ୍ୱର ବିଜୟୀ ହୋଇଛି। ଶେଷାର୍ଦ୍ଧ ବେଳକୁ ଭୁବନେଶ୍ୱର ଗୋଟିଏ ଗୋଲ ସ୍କୋର କରିଥିଲା। ଆନନ୍ଦପୁର କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପଟ୍ଟନାୟକ ବ୍ରଦର୍ସ ପ୍ରଯୋଜିତ ଏହି ମ୍ୟାଚରେ ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସଂପାଦକ ନବରଂଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚକୁ ରେଫରି ଆଲୋକ ଦେହୁରୀ, ସୋମନାଥ ମୁର୍ମୁ, ଚନ୍ଦନ କୁମାର ସାହୁ ଓ ଅୟସକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ବିଚାରକ ଭାବେ ବିନୋଦ ବିହାରୀ ମିଶ୍ର ଓ ଗଗନ ସିଂ ରହିଥିଲେ। ସଂସଦର କର୍ମକର୍ତ୍ତା ମନରଂଜନ ପଟ୍ଟନାୟକ, ମୁରଲୀଧର ମିଶ୍ର, ଅକ୍ଷୟ ମହାନ୍ତି, ରମେଶ ସିଂ, ଦେବବ୍ରତ କରନ, ବସନ୍ତ ସାହୁ, ମାର୍କଣ୍ଡ ସାମଲ, ଅଶୋକ ରାଉଳ, ଅଖିଳ ପଟ୍ଟନାୟକ, ଲୋକନାଥ ସିଂ, ବୁଲୁ ପଟ୍ଟନାୟକ, ମନରଂଜନ ସିଂ, ସୁଦର୍ଶନ ରଣା, ଦେବେନ୍ଦ୍ର ମିଶ୍ର, ପ୍ରସନ୍ନ ସିଂ, ପ୍ରଦୀପ ହଜାରୀ, ଜ୍ୟୋତିରଂଜନ ଜେନା, ଗୋପରଂଜନ ପାଣି, ଲୁଲୁ ଚାନ୍ଦ, ବାଇଧର ସେଠୀ, ଅଜୟ ସେଠୀ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।



